

ମହାକବି କାଳିଦାସଙ୍କ ବିରଚିତ

# ଋତୁ ସଂହାର

ମୂଳଶ୍ଳୋକ ସହ ଅନୂଦିତ, ସମାଲୋଚିତ ଓ ପ୍ରକାଶିତ


**ଶ୍ରୀ ବୃନ୍ଦାବନ ଚନ୍ଦ୍ର କର, ସାହିତ୍ୟାଚାର୍ଯ୍ୟ,**
ହେଡ୍ ପଣ୍ଡିତ, ପି. ଏମ୍. ଏକାଡେମୀ ।
କଟକ-୧



ପ୍ରଥମ ମୁଦ୍ରଣ

ମୁଦ୍ରାକର—
ନରସିଂହ ମୁଦ୍ରଣ ମନ୍ଦିର,
ଚୌଧୁରୀ ବଜାର, କଟକ-୧

ଦର୍ଶନୀ [illegible] ।

ପ୍ରାପ୍ତିସ୍ଥାନ
ସତ୍ୟାନନ୍ଦ ପୁସ୍ତକାଳୟ ।
କଟକ-୨

ମହାକବି କାଳିଦାସଙ୍କ ବିରଚିତ

( କୁମାର ସମ୍ଭବ )

# ତପସ୍ୱିନୀ ଶୈଳବାଳା

ଅନୂଦିତ ।

ମୂଲ୍ୟ ଏକଟଙ୍କା ମାତ୍ର ।

ପ୍ରାପ୍ତିସ୍ଥାନ—
ନିତ୍ୟାନନ୍ଦ ପୁସ୍ତକାଳୟ ।
କଟକ-୨

ପୁଷ୍ପେଷୁ ମଲ୍ଲୀ ନଗରୀଷୁ ଦିଲ୍ଲୀ,
ନାରୀଷୁ ରମ୍ଭା ନୃପତିଷୁ ରାମଃ ।
ନଦୀଷୁ ଗଙ୍ଗା ପୁରୁଷେଷୁ ବିଷ୍ଣୁଃ,
କାବ୍ୟେଷୁ ମାଘଃ କବି କାଳିଦାସଃ ।।



ମହାକବି କାଳିଦାସ

ପ୍ରେମର
ମାନନୀୟ ଶ୍ରୀଯୁକ୍ତ ..ଚିଦାନନ୍ଦ ..କର ଙ୍କୁ ... ଙ୍କୁ
ସ୍ନେହର
ଭକ୍ତିର ଅର୍ଘ୍ୟରୂପେ ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି ଅର୍ପଣ କଲି । ଇତି ।

ଶ୍ରୀ ବୃନ୍ଦାବନ ଚନ୍ଦ୍ର କର ।
୩୬ . ୨ . ୬୮

## —: ସ୍ୱମତ :—

ପଣ୍ଡିତ ଶ୍ରୀଯୁକ୍ତ ବୃନ୍ଦାବନ ଚନ୍ଦ୍ର କରଙ୍କ କୃତ 'ଋତୁସଂହାର'ର ଉତ୍କଳୀୟ ପଦ୍ୟାନୁବାଦ ପାଠ କରିବାର ସୌଭାଗ୍ୟ ଲାଭ କରି ଆପ୍ୟାୟିତ ହୋଇଛୁ ।

'ଋତୁସଂହାର' ମହାକବି କାଳିଦାସଙ୍କର ଏକ ଅନୁପମ କାବ୍ୟ । ସାବଲୀଳ ଭାଷା ଓ ଭାବଗୌରବ ଏହି କାବ୍ୟର ବିଶେଷତ୍ୱ ରୂପେ ସ୍ୱୀକୃତ । "ବିଲୋଲ ନେତ୍ରୋତ୍ପଲଶୋଭିତାନନୈଃ" କିମ୍ବା "ନ ଚନ୍ଦନଂ ଚନ୍ଦ୍ରମରୀଚିଶୀତଳଂ" ଭଳି ସରଳ-ତରଳ ଭାଷାବଳିତ ପଦାବଳି କାଳିଦାସୀୟ-କବିତ୍ୱ-କୃତିତ୍ୱର ସାଫଲ୍ୟ ଦ୍ୟୋତକ ବୋଲି ନିଃସଂଶୟରେ କୁହାଯାଇପାରେ । ସେହି ସରଳ ପଦାବଳୀର ଅନ୍ତରାଳରେ ଯେଉଁ ନିରୁପମ ଭାବ ଓ କାବ୍ୟିକ ନୈପୁଣ୍ୟ ନିହିତ, ତାର ପଟାନ୍ତର ନାହିଁ ।

ପଣ୍ଡିତ ମହାଶୟ ଆୟାସ ସ୍ୱୀକାର ପୂର୍ବକ କାଳିଦାସୀୟ କବିତାର ସମ୍ୟକ୍ ଅବଗାହନ, ଅବମନନ ଓ ଅନୁଶୀଳନର ଯେଉଁ ପାଟବ ସ୍ୱରଚିତ ପଦ୍ୟାନୁବାଦରେ ଦର୍ଶାଇଛନ୍ତି, ତାହା ବାସ୍ତବରେ ଉପଭୋଗ୍ୟ । ସ୍ଥାନେ ସ୍ଥାନେ ରସାବବୋଧ ନିମନ୍ତେ ସୁନ୍ଦର, ସଂଯତ ଓ ସାବଲୀଳ ପଦ-ସଂଯୋଜନା ପଦ୍ୟାନୁବାଦଟିକୁ ଅଧିକ ରସବନ୍ତ ଓ ପ୍ରାଣବନ୍ତ କରିଛି । ଏଥି ନିମନ୍ତେ ପଣ୍ଡିତଜୀ ଅବଶ୍ୟ ଅଭିବାଦନୀୟ ।

କଟକ
ତା ୧୩ । ୫ । ୬୮

ଶ୍ରୀ ପ୍ରବୋଧକୁମାର ମିଶ୍ର
ଶାସ୍ତ୍ରୀ-ସାହିତ୍ୟାଚାର୍ଯ୍ୟ-କୋବିଦ ।

# ସମାଲୋଚନା

ମହାକବି କାଳିଦାସ ନିଜପ୍ରଣୀତ "କୁମାର ସମ୍ଭବର" ହିମାଳୟ ବର୍ଣ୍ଣନାରେ ଲେଖିଅଛନ୍ତି, "କ୍ଷଣେ କ୍ଷଣେ ଯନ୍ନବତା ମୁପୈତି ତଦେବ ରୂପଂ ରମଣୀୟତାୟାଃ" ଏହି ଉକ୍ତିର ଯଥାର୍ଥତା ତାଙ୍କ ରଚିତ "ଋତୁସଂହାରରେ" ସୁସ୍ପଷ୍ଟ । କାରଣ ଏହି ଶ୍ଳୋକାବଳି ଚିରନୂତନ ଓ ଚିରଜୀବନ୍ତ ।

ପ୍ରତି ଋତୁରେ ପ୍ରକୃତିର ପରିବର୍ତ୍ତନକୁ ପର୍ଯ୍ୟବେକ୍ଷଣ ତଥା ଅନୁଭବ କରି କବି ଏହି ଯେଉଁ କ୍ଷୁଦ୍ର ଉପାଦେୟ କାବ୍ୟଖଣ୍ଡି ରଚନା କରି ଅଛନ୍ତି, ତାହା ତାହାଙ୍କୁ ଚିର ଅମର କରି ରଖିବ । ଏହି ଋତୁ-ଚିତ୍ରରେ ସେ ଜଳ, ସ୍ଥଳ, ବ୍ୟୋମ, ବନ, ପର୍ବତ, ନଦ, ନଦୀ, ମାନବ, ପଶୁପକ୍ଷୀ, କୀଟ ଓ ପତଙ୍ଗ ପ୍ରଭୃତିଙ୍କ ବିଷୟରେ ଯେଉଁ ବିବୃତି ଦେଇ ଅଛନ୍ତି, ତାହା ବାସ୍ତବ ହେଲେହେଁ, କବି ନେତ୍ରରେ କିପରି ଅନୁପମ ସୌନ୍ଦର୍ଯ୍ୟ ଢାଳି ଦେଇଅଛି, ତାହା ପଢ଼ିଲେ ରସପିପାସୁ ପାଠକ-ପାଠିକାମାନେ ଉପଲବ୍ଧି କରି ପାରିବେ ।

"ପ୍ରକୃତି ବର୍ଣ୍ଣନା" କବିଙ୍କର ଲକ୍ଷ୍ୟ । ଏହି କାବ୍ୟର ଆଦ୍ୟୋପାନ୍ତ ସର୍ବତ୍ର ତାହା ପୃଷ୍ଠାମାନରେ ସଜ୍ଜିତ ହୋଇ ରହିଅଛି । କବିଙ୍କର ଲେଖନୀମୁଖରେ ନିଦାଘର ପ୍ରଚଣ୍ଡ ତାପ, ବର୍ଷାର ରସସ୍ରାବୀ ଧାରାପାତ, ଶରତ୍‌ର ଶୁଭ୍ରତା, ହେମନ୍ତର ତୁଷାର, ଶିଶିରର ପିକ୍ୱଣାଳ-କ୍ଷେପ ଓ ସର୍ବୋପରି ଋତୁରାଜ ବସନ୍ତର କୁସୁମସୌରଭ-ରସାଣିତ ମଳୟାନିଳ ପଦେ ପଦେ ସହୃଦୟ ପାଠକପାଠିକାମାନଙ୍କୁ ଅନିର୍ବଚନୀୟ ଆନନ୍ଦ ପ୍ରଦାନ କରିବ ।

ତାରୁଣ୍ୟର ଉନ୍ମତ୍ତ ଉଦ୍ଦାମତାରେ କବି ମୂଳ ବାଲ୍ମୀକି ରାମାୟଣ ଏବଂ ଅନ୍ୟାନ୍ୟ ପ୍ରାଚୀନ କବିଙ୍କର ରଚିତ କାବ୍ୟମାନ ଉତ୍ତମ ରୂପେ ପ୍ରଣିଧାନ କରିଥିବାର ଅନୁମିତ ହୁଏ । ଯେଣୁ ସେ ପୂର୍ବୋକ୍ତ କବିମାନଙ୍କର ଲେଖାକୁ ସ୍ଥଳବିଶେଷରେ ଅନୁକରଣ କରି ଅଛନ୍ତି ।

ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରାଚୀନ ତଥା ଅର୍ବାଚୀନ କବିମାନେ କାଳିଦାସଙ୍କ ଲେଖାର ଅବଲମ୍ବନରେ ସ୍ୱ ସ୍ୱ କାବ୍ୟକବିତାକୁ ପରିପୁଷ୍ଟ କରି ଅଛନ୍ତି । ମହାକବି କାଳିଦାସ ଆଦିକବି ବାଲ୍ମୀକିଙ୍କ ବିରଚିତ ରାମାୟଣ ଅନ୍ତର୍ଗତ ଋତୁବର୍ଣ୍ଣନାର ଅବଲମ୍ବନରେ ଏହି "ଋତୁସଂହାର" କାବ୍ୟ ଲେଖିଥିଲେ ହେଁ କବିଙ୍କର ସାଧନାର ଗଭୀରଭିତ୍ତି ଉପରେ ଏହା ପ୍ରତିଷ୍ଠିତ । ଏହି ଶ୍ଳୋକମାନଙ୍କରୁ ତାଙ୍କ ରଚନାର ବୈଶିଷ୍ଟ୍ୟ ସ୍ୱତଃ ପ୍ରତିପନ୍ନ ହୁଏ ।

## [ ଗ୍ରୀଷ୍ମ ]

### ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠମାସ
### ପ୍ରଚଣ୍ଡରୌଦ୍ର ପରକାଶ ।

ମେଷ ସଂକ୍ରାନ୍ତିଠାରୁ ଗ୍ରୀଷ୍ମଋତୁର ଆରମ୍ଭ । ଏହି ସମୟରେ ରବିଙ୍କର ତେଜ ପ୍ରଚଣ୍ଡ ହୋଇଥାଏ । ଚନ୍ଦ୍ରଙ୍କର କିରଣ ଶୀତଳ ହୁଏ । ସନ୍ଧ୍ୟା ସମୟ ଅତି ରମଣୀୟ । ଆତପକ୍ଲାନ୍ତ ପ୍ରାଣିଗଣ ସ୍ୱଳ୍ପଜଳା ନଦୀ, କୂପ ବା ଜଳାଶୟମାନଙ୍କରେ ଅବଗାହନ କରି ଶରୀରକୁ ଶୀତଳ କରିଥାନ୍ତି । ଏହି ସମୟରେ ଚନ୍ଦ୍ରକିରଣ, ଜଳଯନ୍ତ୍ରଗୃହ, ଚନ୍ଦ୍ରକାନ୍ତମଣି ଓ ସୁଶୀତଳ ସୁବାସ ଚନ୍ଦନ ପ୍ରଭୃତି ନାନାଭାବରେ ରୌଦ୍ରତାପ ସନ୍ତପ୍ତ ପ୍ରାଣୀମାନଙ୍କର ପରିଚର୍ଯ୍ୟା କରିବାକୁ ତତ୍ପର ଥାନ୍ତି ।

ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ପୃଥିବୀ ଉତ୍ତପ୍ତ ହୁଏ । ପ୍ରବଳ ପବନରେ ଧୂଳିରାଶି ଆକାଶରେ ପରିବ୍ୟାପ୍ତ ହୋଇଯାଏ । ତୃଷାରେ ଆତୁର ହୋଇ ମୃଗଗଣ ସ୍ନିଗ୍ଧ ନୀଳମେଘମଣ୍ଡଳକୁ ଜଳକୋଳ ମନେକରି ଇତସ୍ତତଃ ଧାବମାନ ହୁଅନ୍ତି ।

ଗ୍ରୀଷ୍ମର ପ୍ରଖର ରଶ୍ମିରେ ତୃଷାତୁର "ସର୍ପ ମୟୂର" "ସିଂହହସ୍ତୀ" ଓ "ସର୍ପ ମଣ୍ଡୂକ ପ୍ରଭୃତି ବିରୋଧୀ ପ୍ରାଣିଗଣ ସ୍ୱ ସ୍ୱ ମଧ୍ୟରେ ଥିବା ଶତ୍ରୁତାକୁ କ୍ଷଣକାଳ ପାଇଁ ଭୁଲିଯାଇ ମିଳାମିଶି ଅବସ୍ଥାନ କରୁଥିବାର ନିଖୁଣ ଆଲେଖ୍ୟ ଦେଇ କବି କାବ୍ୟର ଉତ୍କର୍ଷତା ପ୍ରତିପାଦନ କରି ଅଛନ୍ତି ।

"ବସ୍ତ୍ରଦଗ୍ଧବଳେ ଆମ୍ଭମାନଙ୍କର ଶତ୍ରୁତା ପରିତ୍ୟାଗ କରି ଏକତ୍ର ଅବସ୍ଥାନ କରିବା କର୍ତ୍ତବ୍ୟ" ଏହା କବି ଏଠାରେ ସୂଚାଇ ଦେଇ ଅଛନ୍ତି ।

ଋତୁସଂହାରର "ଦାବାଗ୍ନି ବର୍ଣ୍ଣନା" ବ ସବକ୍ ହୃଦୟସ୍ପର୍ଶୀ । ଏହା ଗ୍ରୀଷ୍ମର ଦ୍ୱାବିଂଶ ଶ୍ଳୋକରୁ ସପ୍ତବିଂଶ ଶ୍ଳୋକ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଅଛି । ଗ୍ରୀଷ୍ମଋତୁର ବନର ଅବସ୍ଥା ମନରେ ଭୟର ସଂଚାର କରେ । ଦାବାଗ୍ନିରେ ତୃଣାଙ୍କୁରମାନ ଦଗ୍ଧ ହୁଏ । ପ୍ରବଳ ପବନରେ ଶୁଷ୍କ ପତ୍ରାବଳୀ ଉଡ଼ିଯାଏ । ବେଗଗାମୀ ପବନର ସାହାଯ୍ୟରେ ଦାବାଗ୍ନି ଭୀଷଣ ଆକାର ଧାରଣ କରି ବୃକ୍ଷଲତାର ଅଗ୍ରଭାଗକୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ପ୍ରଧାବିତ ହୁଏ । ବର୍ଦ୍ଧମାନ ଦାବାଗ୍ନି ପର୍ବତର ଗହ୍ୱର ମାନଙ୍କରେ ପ୍ରଜ୍ୱଳିତ ହୋଇଉଠେ । ଶୁଷ୍କ ବଂଶବନକୁ ଦଗ୍ଧ କରି ଉଚ୍ଚସ୍ୱରରେ ଗର୍ଜନ କରେ ଏବଂ ହରିଣମାନଙ୍କର ଲୋମଗୁଡ଼ିକ ଲାଗି ମେମନଙ୍କର ପ୍ରାଣ ହରଣ କରେ ।

ଅଗ୍ନି ତାପରେ ସନ୍ତପ୍ତମାନ ହୋଇ ସିଂହ ହସ୍ତୀ ମହିଷାଦି ପ୍ରଭୃତି ପରସ୍ପର ବୈର ତ୍ୟାଗ କରି ବନ୍ଧୁବତ୍ ମିଳି ଦାବାଗ୍ନି ସନ୍ତପ୍ତ ବନରୁ ନିର୍ଗତ ହୋଇ ନଦୀର ଶୈତ୍ୟ ପ୍ରଦେଶରେ ଆଶ୍ରୟ ଗ୍ରହଣ କରନ୍ତି ।

[ ବର୍ଷା ]

## ବର୍ଷାରେ ଆଷାଢ଼ ଶ୍ରାବଣ
## ମେଘ ବରଷେ ଘନ ଘନ ।

ଏହି ଋତୁର ପ୍ରଥମେ କବି ବର୍ଷାକୁ ରାଜାଙ୍କ ସହିତ ତୁଳନା କରି ଅଛନ୍ତି । ପୂର୍ବେ ରାଜାମାନେ ହାତୀରେ ଚଢ଼ି ଯାତ୍ରା କରୁଥିଲେ । ତାଙ୍କର ରଥଆଗେ ବିଜୟ ପତାକା ଉଡ଼ୁଥିଲା । ତାଙ୍କ ସମ୍ମୁଖରେ ମଙ୍ଗଳବାଦ୍ୟ ବାଜୁଥିଲା । ଏହି ଶୁଭସୂଚନା ଗୁଡ଼ିକ ରାଜାଙ୍କ ଆଗମନର ଅନୁକୂଳକ ଅଟେ ।

ଏଠାରେ ଜଳକଣା ପୂର୍ଣ୍ଣ ମେଘମାଳା ମତ୍ତ ଗଜ ହାତୀପରି । ତହିଁରେ ଉପବେଶନ କରି ଘନାଗମ କାଳ ଅର୍ଥାତ୍ ବର୍ଷାକାଳ ନରପତି ରୂପ ବିଜୁଳି ପତାକା ଉଡ଼ାଇ ଘନଗର୍ଜନ ଛଳରେ ମାଙ୍ଗଳିକ ବାଦ୍ୟ

ନିଜାଇ ସମାରୋହରେ ବାଜେ ନରେ । ରାଜା ଦରିଦ୍ରମାନଙ୍କୁ ଦାନ କରନ୍ତି । ଏହା ରାଜୋଚିତ ଧର୍ମ । ଏଠାରେ ବର୍ଷାକାଳ ଗ୍ରୀଷ୍ମ-ସନ୍ତପ୍ତ ତୃଷାର୍ତ୍ତ ଚାତକମାନଙ୍କୁ ଜଳଦାନ କରୁଥିବାରୁ ଯଥାର୍ଥରେ ରାଜୋଚିତ ସମ୍ମାନର ପାତ୍ରୀ ।

ଏ ବିଷୟରେ କବିବର ରାଧାନାଥ ଲେଖି ଅଛନ୍ତି ।

ବରଷାକାଳ ଅଟେ ମଙ୍ଗଳ କାରୀ
ପାଳଇ ପରଜାଙ୍କୁ ବରଷି ବାରି ।

ଏହି ସମୟରେ ମୟୂରମାନେ କୃଷ୍ଣମେଘ ଦର୍ଶନରେ ଆନନ୍ଦରେ ମଧୁର ଶବ୍ଦ କରନ୍ତି ଓ ନୃତ୍ୟରତ ଥାନ୍ତି । ବର୍ଷାକାଳୀନ ନଦୀଗୁଡ଼ିକ ବର୍ଷାର କଳୁଷିତ ଜଳରେ ପୂର୍ଣ୍ଣ ହୋଇ ମହାବେଗରେ ଗତିକରି ତୀରସ୍ଥିତ ବୃକ୍ଷମାନଙ୍କୁ ଉତ୍ପାଟନ କରି ଦୁଷ୍ଟା ବିଳାସିନୀ ରମଣୀ ପରି ଦ୍ରୁତଗତିରେ ସାଗର ଅଭିମୁଖରେ ପ୍ରବାହିତ ହୁଅନ୍ତି । ଏହି ସମୟରେ ଭ୍ରମରଗଣ, ପୁଚ୍ଛ ମେଲାଇ ନୃତ୍ୟରତ ମୟୂରମାନଙ୍କର ଚନ୍ଦ୍ରିକାକୁ ଦେଖି ନୂତନ ପଦ୍ମ ମନେ କରି ଉଡ଼ିଆସି ତହିଁରେ ପଡନ୍ତି ।

ନିତାନ୍ତ ନୀଳୋତ୍ପଳପତ୍ରକାନ୍ତିଭିଃ
କ୍ୱଚିତ୍ ପ୍ରଭିନ୍ନାଞ୍ଜନରାଶିସନ୍ନିଭୈଃ
କ୍ୱଚିତ୍ ସଗର୍ଭପ୍ରମଦାସ୍ତନପ୍ରଭୈଃ
ସମାଚିତଂ ବ୍ୟୋମ ଘନୈଃ ସମନ୍ତତଃ । (୨-୨)

ଏହି ସମୟରେ ଏକଦିଗରେ ନିର୍ମଳ ଆକାଶ ନୀଳୋତ୍ପଳ ପତ୍ର ପରି ଅତି ସୁନ୍ଦର ଦିଶୁଥାଏ । କାହିଁ ଦଳିତକଜ୍ଜ୍ୱଳ ସଦୃଶ ଗାଢ କୃଷ୍ଣବର୍ଣ୍ଣ ମେଘଦ୍ୱାରା ଶୋଭାପାଏ । ଅନ୍ୟତ୍ର ଗର୍ଭବତୀ ରମଣୀର ସ୍ତନତୁଲ୍ୟ ମେଘ-ମାନଙ୍କ ଦ୍ୱାରା ଆଚ୍ଛାଦିତ ହୋଇ ଗଗନ ରମଣୀୟ ରୂପ ଧାରଣ କରେ ।

ଆଦିକବି ବାଲ୍ମୀକିଙ୍କ ବିରଚିତ ସଂସ୍କୃତ ରାମାୟଣ ଅନ୍ତର୍ଗତ କିଷ୍କିନ୍ଧ୍ୟାକାଣ୍ଡର "ବର୍ଷାକାଳ" ବର୍ଣ୍ଣନାରେ ମଧ୍ୟ ଲକ୍ଷିତ ଅଛି—

କ୍ୱଚିତ୍ ପ୍ରକାଶଂ କ୍ୱଚିଦପ୍ରକାଶଂ
ନଭଃ ପ୍ରକୀର୍ଣ୍ଣାମ୍ବୁଧରଂ ବିଭାତି
କ୍ୱଚିତ୍ କ୍ୱଚିତ୍ ପର୍ବତସନ୍ନିରୁଦ୍ଧଂ
ରୂପଂ ଯଥା ଶାନ୍ତ ମହାର୍ଣ୍ଣବସ୍ୟ ।

କେଉଁଠାରେ ଆକାଶ ନିର୍ମଳ ଦେଖାଯାଉଅଛି, କେଉଁଠି ମେଘମାଳାରେ ଆଚ୍ଛାଦିତ ହୋଇ ଶୋଭା ପାଉଅଛି । ପୁଣି ଗାଢ଼ ପର୍ବତରେ ଅବରୁଦ୍ଧ ବ୍ୟାପ୍ତ କୃଷ୍ଣ ମେଘମାଳାରେ ନଭୋମଣ୍ଡଳ ତରଙ୍ଗ-ବିହୀନ ଶାନ୍ତ ମହାସମୁଦ୍ର ପରି ମନୋରମ ଦିଶୁଅଛି ।

ବର୍ଷାକାଳ ପ୍ରକୃତରେ ଚାତକ, ମୟୂର, ବନ୍ୟଜନ୍ତୁ ତଥା ଜଳଚର ଜୀବମାନଙ୍କର ଆନନ୍ଦଦାୟକ । ଏହି କାଳ ଶସ୍ୟବୃଦ୍ଧିର କାରଣ ହୋଇ ଥିବାରୁ ପ୍ରାଣୀମାନଙ୍କର ପ୍ରାଣଦାତା ବୋଲି କଥିତ ।

[ ଶରତ୍ ]

ଭାଦ୍ର ଆଶ୍ୱିନ ଶରତରେ
ନିର୍ମଳ ଶୋଭା ଜଗତରେ ।

ମହାକବି କାଳିଦାସ ଶରଦ୍ ଋତୁକୁ ନବବଧୂ ସଙ୍ଗେ ତୁଳନା କରିଅଛନ୍ତି । କାଶକୁସୁମ ଏହି ନବବଧୂଙ୍କର ପରିଧେୟ ବସ୍ତ୍ର, ବିକଶିତ ପଦ୍ମ ରମଣୀୟ ମୁଖ, ହଂସରବ ଏହାଙ୍କର ଶ୍ରୁତି ମଧୁର ନୂପୁରନିକ୍ୱଣ ଏବଂ ପକ୍ୱଶାଳି କ୍ଷେତ୍ର ଏହି ଶରତ୍ ସୁନ୍ଦରୀଙ୍କର କ୍ଷୀଣ ଅଙ୍ଗାବଳୀ । ନବବଧୂ ଯେପରି ପରିବାରରେ ଆନନ୍ଦ ଜନ୍ମାଏ, ସେହିପରି ଏହି ଶରତସୁନ୍ଦରୀ ପୃଥିବୀର ପ୍ରାଣୀମାନଙ୍କର ଆମୋଦଦାୟିନୀ ଅଟେ ।

ତୃତୀୟ ପଦ୍ୟରେ ଶରତ୍କାଳୀନ ନଦୀମାନଙ୍କୁ ପ୍ରମଦା ରମଣୀମାନଙ୍କ ତୁଲ୍ୟ ବର୍ଣ୍ଣନା କରାଯାଇଅଛି । ରମଣୀମାନଙ୍କ କଟିପ୍ରଦେଶରେ ମନୋରମ କାଞ୍ଚିଦାମ ଶୋଭାପାଏ । ନଦୀର ମଧ୍ୟଭାଗରେ ଚପଳ ଶଫରୀ ଦଳ ସନ୍ତରଣ କରୁଥିବାରୁ ତାହା ସୁରମ୍ୟ ରସନା ତୁଲ୍ୟ ଶୋଭା ପାଉଅଛି । ନଦୀର ଦୁଇକୂଳରେ ଧାଡ଼ିବାନ୍ଧି ଶୋଭା ପାଉଥିବା ରାଜହଂସ—

ଶଣ ରମଣୀର କଣ୍ଠଗତ ହାରପରି ମନୋରମ ଦୃଶ୍ୟ ଧାରଣ କରିଅଛନ୍ତି । ସ୍ତ୍ରୀମାନଙ୍କର ନିତମ୍ବ ଦେଶ ପରି ପୁଳିନ ପ୍ରଦେଶକୁ ଧାରଣ କରି ନଦୀଗୁଡ଼ିକ ମଦାଳସା ରମଣୀମାନଙ୍କ ପରି ଲୋକମାନଙ୍କର ମନକୁ ହରଣ କରିଥାନ୍ତି ।

କବି ଶାରଦ ସ୍ୱଚ୍ଛ ନଭୋମଣ୍ଡଳକୁ ରାଜାଙ୍କ ସଙ୍ଗେ ତୁଳନା କରି ଅଛନ୍ତି । ରାଜାଙ୍କ ଉପରେ ଶ୍ୱେତ ଚାମର ଚାଳିତ ହୁଏ । ଶରତ୍‌କାଳର ଗଗନରେ ଶତ ଶତ ଶୁଭ୍ର ଅଭ୍ରଖଣ୍ଡ ପବନରେ ଭାସମାନ ହୋଇ ଚାମର-ବ୍ୟଜନ ସଦୃଶ ପ୍ରତୀତ ହୁଏ ।

ସପ୍ତମ ପଦ୍ୟରେ ଶରତ୍‌କାଳର ରଜନୀକୁ ସୁନ୍ଦରୀ ରମଣୀ ରୂପେ ବର୍ଣ୍ଣନା କରାଯାଇଅଛି । ରମଣୀମାନେ ଅଳଙ୍କାର ଦ୍ୱାରା ନିଜର ଅଙ୍ଗଲତାକୁ ଅଳଙ୍କୃତ କରିଥାନ୍ତି । ତାହାଙ୍କର ମୁଖଶ୍ରୀ ଦର୍ଶକର ମନକୁ ହରଣ କରେ । ସେମାନେ ନିର୍ମଳ ଶାଢ଼ୀ ପରିଧାନ କରି ଶୋଭା ପାଉଥାନ୍ତି ।

ଶରତ୍‌କାଳର ରଜନୀ ପ୍ରମଦା ରମଣୀ ପରି ଉଜ୍ଜ୍ୱଳ ନକ୍ଷତ୍ରମାନଙ୍କ ଦ୍ୱାରା ଅଳଙ୍କୃତ ହୋଇ ଅମଳ ଧବଳ ଜ୍ୟୋତ୍ସ୍ନାରୂପକ ପଟ୍ଟବସ୍ତ୍ର ପରିଧାନ କରି ଜନକୁ ଦନ ବୃଦ୍ଧିପ୍ରାପ୍ତ ହୁଏ ।

ଶରତ୍‌କାଳର ପବନ ଶସ୍ୟକ୍ଷେତ୍ରରେ ଫଳଭରାନତ ଧାନ୍ୟମାନଙ୍କୁ ଆକମ୍ପିତ କରି ପୁଷ୍ପିତ ବୃକ୍ଷଲତାମାନଙ୍କୁ ନଚାଇ ଏବଂ ବିକସିତ ପଦ୍ମବନକୁ ଦୋହଲାଇ ନିରନ୍ତର ତରୁଣତରୁଣୀମାନଙ୍କର ମନରେ ଚାଞ୍ଚଲ୍ୟ ଆନୟନ କରେ ।

ଏହି ସମୟରେ ମଦୋନ୍ମତ୍ତ ହଂସଦମ୍ପତି ନିର୍ମଳଜଳା ସରୋବର ମାନଙ୍କରେ କ୍ରୀଡ଼ା କରନ୍ତି । ସୁରମ୍ୟ ପ୍ରସ୍ଫୁଟିତ ପଦ୍ମମାନଙ୍କରେ ସରୋବର-ମାନ ନିଜର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାନ୍ତି । ପ୍ରଭାତକାଳର ମନ୍ଦ ପବନରେ ସେହି ଜଳରେ କ୍ଷୁଦ୍ର ତରଙ୍ଗମାନ ଉତ୍ଥିତ ହୋଇ ଦର୍ଶକର ମନକୁ ମୁଗ୍ଧ କରେ ।

ଏହି ଶରତ୍‌କାଳରେ ଇନ୍ଦ୍ରଧନୁ ପରିଦୃଷ୍ଟ ହୁଏ ନାହିଁ । ନଭୋମଣ୍ଡଳରେ ବିଜୁଳି ଦେଖାଯାଏ ନାହିଁ । ମୟୂରମାନେ ଉନ୍ମୁଖହୋଇ

ଆକାଶ ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ । ମୟୂର ନୃତ୍ୟ ବନ୍ଦମସ୍ଥରେ ରାଜହଂସମାନଙ୍କର ସୁମଧୁର ଗାନ ଶ୍ରୁତିଗୋଚର ହୁଏ । କଦମ୍ବ, ଶାଳ ତଥା ଅର୍ଜ୍ଜୁନବୃକ୍ଷମାନଙ୍କରେ ଫୁଲଫୁଟେ ନାହିଁ । କିନ୍ତୁ ସପ୍ତଚ୍ଛଦ ନିଜର ପୁଷ୍ପ ସମ୍ଭାରରେ ଧରଣୀରାଣୀଙ୍କୁ ଅଳଙ୍କୃତ କରେ । ଶେଫାଳିକା ପୁଷ୍ପରେ ସବୁ ଉପବନ ସୌରଭାନ୍ୱିତ ହୁଏ । ବିହଗଗଣ ଉଦ୍ୟାନସ୍ଥିତ ବୃକ୍ଷମାନଙ୍କରେ ଅବସ୍ଥାନ କରି ସୁମଧୁର ଶବ୍ଦରେ ମାନବର ମନକୁ ଆକର୍ଷଣ କରନ୍ତି ।

ମନ୍ଦ ପବନରେ ମନ୍ଦାର ଗଛର ଶାଖାଗ୍ର ମନୋରମ ଦେଖାଯାଏ । ପୁଷ୍ପିତ ଥିବାରୁ ତାହାର ପଲ୍ଲବାଗ୍ର ସବିଶେଷ ମନୋମୁଗ୍ଧକର ହୋଇଥାଏ । ମତ୍ତଭ୍ରମରଗଣ ପୁଷ୍ପରସପାନରେ ରତ ହୁଅନ୍ତି । ଶସ୍ୟକ୍ଷେତ୍ରମାନ ପରିପକ୍ୱ ଧାନ୍ୟମାନଙ୍କରେ ପରିପୂର୍ଣ୍ଣ ରହି କୃଷକର ମନରେ ଅମନ୍ଦ ଆନନ୍ଦ ପ୍ରଦାନ କରେ ସର୍ବୋପରି ଶରଦର ନିର୍ମଳ ସୌନ୍ଦର୍ଯ୍ୟ ଲୋକମାନଙ୍କର ହୃଦୟରେ ପ୍ରୀତି ଉତ୍ପାଦନ କରେ ।

## [ ହେମନ୍ତ ]

**ହେମ କାର୍ତ୍ତିକ ମାର୍ଗଶୀର**
**ଶୀତରେ ପଡ଼ଇ ଶିଶିର ।**

ଏହି ଋତୁରେ ପ୍ରବଳ ତୁଷାରପାତରେ ପଦ୍ମବନରୁ ପଦ୍ମ ବିଲୀନ ହୁଏ । ବିଳାସିନୀ ରମଣୀଗଣ ମଣିମାଳାରେ ଅଥବା ତୁଷାର କୁନ୍ଦେନ୍ଦୁ ତୁଲ୍ୟ ସ୍ୱଚ୍ଛ ମୁକ୍ତାହାରରେ ସ୍ୱକୀୟ ପୀନୋନ୍ନତ କୁଚଯୁଗଳକୁ ଅଳଙ୍କୃତ କରନ୍ତି ନାହିଁ । ସ୍ୱର୍ଣ୍ଣରଚିତ ରଶନା ସେମାନଙ୍କର ନିତମ୍ବ ପ୍ରଦେଶରେ ସ୍ଥାନଲାଭ କରେ ନାହିଁ । ହଂସରବ ସମ ନୁପୁର ସୁନ୍ଦର ପାଦପଦ୍ମରେ ଅବସ୍ଥାନ କରି ଗୁଞ୍ଜନ କରେନାହିଁ । ସୁରତୋତ୍ସବ ନିମନ୍ତେ ସେମାନେ କେବଳ ନିଜର କଳେବରକୁ ସୁଗନ୍ଧ ଦ୍ରବ୍ୟରେ ଚର୍ଚ୍ଚିତ କରିଥାନ୍ତି ଓ ନିଜର କେଶକଳାପକୁ କାଳାଗୁରୁ ଧୂପରେ ଧୂପିତ କରନ୍ତି । ଶୈତ୍ୟର ପ୍ରାଦୁର୍ଭାବ ହେତୁ କ୍ଷୀଣ ବସନ ପରିତ୍ୟାଗ କରି ସ୍ଥୂଳ-ବସ୍ତ୍ର ପରିଧାନ

କରନ୍ତି । ହରିଣୀଗଣ ବନାନ୍ତ ପ୍ରଦେଶକୁ ସଞ୍ଚରଣ ଦ୍ୱାରା ଅଳଙ୍କୃତ କରିଥାନ୍ତି । ସବନ ଶ୍ରୁତି ସୁଖକର କ୍ରୌଞ୍ଚ ନିନାଦ ଶୁଣାଯାଏ । ସ୍ଥାନେ ସ୍ଥାନେ ନୀଳୋତ୍ପଳ ଶୋଭିତ ଓ ରାଜହଂସବିମଣ୍ଡିତ ନିର୍ମଳଜଳା ପୁଷ୍କରିଣୀମାନ ଦର୍ଶକର ଦୃଷ୍ଟିକୁ ଆକର୍ଷଣ କରେ । ହିମକଣିକାରସିକ୍ତ ଶ୍ୟାମାଳତା ଗୁଡ଼ିକ କ୍ରମେ ପାଣ୍ଡୁର ବର୍ଣ୍ଣ ଧାରଣ କରେ ଓ ଧୀର ସମୀରଣରେ ଥରି ଉଠି ପ୍ରିୟବିଚ୍ଛେଦମଳିନା ରମଣୀ ତୁଲ୍ୟ ପରିଦୃଷ୍ଟ ହୁଏ ।

## [ଶିଶିର]

**ଶୀତରେ ପୌଷ ମାଘମାସ**
**ଦେହରେ ରଖ ଶୀତବାସ ।**

ଏହି ଋତୁରେ ପରିପକ୍ୱ ଧାନକ୍ଷେତ୍ର ଦ୍ୱାରା ଧରା ମନୋରମ ଦିଶେ । କ୍ରୌଞ୍ଚର ମଧୁର ଅସ୍ଫୁଟ ରବରେ ଗ୍ରାମ ପ୍ରଦେଶ ମୁଖରିତ ହୁଏ । ଏହି କାଳରେ ଅବରୁଦ୍ଧ ବାସଗୃହ, ହୁତାଶନ, ସୂର୍ଯ୍ୟରଶ୍ମି, ସ୍ଥୂଳବସ୍ତ୍ର ( କମ୍ବଳ ପ୍ରଭୃତି ) ଓ ଯୁବତୀ ସ୍ତ୍ରୀ ଏହିମାନେ ମିଳି ଜନତାର ପରିଚର୍ଯ୍ୟା କରନ୍ତି । କିନ୍ତୁ ସୁବାସିତ ସରସ ଚନ୍ଦନ, ସୁଶୀତଳ ଚନ୍ଦ୍ରକିରଣ, ଜ୍ୟୋତ୍ସ୍ନାଧବଳ ପ୍ରାସାଦପୃଷ୍ଠ ଓ ଗାଢ଼ ତୁଷାରସିକ୍ତ ପବନ, ଏମାନେ ସଂପ୍ରତି ଲୋକମାନଙ୍କର ମାନସପଟରେ ଆନନ୍ଦ ଦେଇ ନ ଥାନ୍ତି । ପ୍ରବଳ ଶିଶିର ପତନରେ, ଚନ୍ଦ୍ରଙ୍କର କିରଣରେ ଓ ପାଣ୍ଡୁର ନକ୍ଷତ୍ରମାନଙ୍କରେ ବିଭୂଷିତା ରଜନୀଗଣ ଏ କାଳରେ ଜନସମାଜର ସେବାଯୋଗ୍ୟ ହୁଅନ୍ତି ନାହିଁ । ଏହି ସମୟରେ ଗୁଡ଼ ଓ ଶାଳିଧାନ୍ୟ ପ୍ରଭୃତି ବହୁଳ ପରିମାଣରେ ଉତ୍ପନ୍ନ ହୁଏ । ଲୋକମାନଙ୍କର ଭୋଗବାସନା ପ୍ରବଳ ହୋଇଉଠେ । ଏହିକାଳରେ ବିରହୀ ଓ ବିରହିଣୀଗଣ ସନ୍ତାପିତ ହୁଅନ୍ତି ।

ମହାକବି କାଳିଦାସଙ୍କର "ଶିଶିର ବର୍ଣ୍ଣନା" ପ୍ରକୃତିଚିତ୍ରଣ ଦୃଷ୍ଟିରୁ ସମ୍ପୂର୍ଣ୍ଣଭାବରେ ବର୍ଣ୍ଣିତ ହୋଇନାହିଁ । ଏଥିରେ ବନ, ବନାନ୍ତ-ପ୍ରଦେଶ, ନଦୀ ଓ ସରୋବରମାନଙ୍କର ପ୍ରାକୃତିକ ଚିତ୍ର ପ୍ରଦତ୍ତ ହୋଇନାହିଁ । ତାମ୍ବୁଳ ଭକ୍ଷଣ, ସୁବାସିତ ଦ୍ରବ୍ୟ ବିଲେପନ ଓ ମାଲ୍ୟଧାରଣ ପ୍ରଭୃତି ଦ୍ୱାରା କେବଳ ସମ୍ଭୋଗାଭିଳାଷିଣୀ ରମଣୀମାନଙ୍କର ଚିତ୍ର ପରିବେଷିତ ହୋଇଅଛି ।

[ ଋତୁରାଜ ବସନ୍ତ ][1]

ଫାଲ୍‌ଗୁନ ଚୈତ୍ର ବସନ୍ତରେ
ମୃଦୁମଳୟ ମନୋହରେ ।।

ଧରା ଜରା କରି          ଗଲା ଅପସରି
ଶିଶିର ସମୟ ଧୀରେ
ସିଞ୍ଚି ସଞ୍ଜୀବନୀ          ଋତୁ ଶିରୋମଣି
ପ୍ରବେଶ କଲେ ମହୀରେ ।।

ବସନ୍ତକାଳୀନ ପ୍ରକୃତ ଚିତ୍ରଣ ହିଁ

"ଋତୁସଂହାର"ର ଚୂଡ଼ାନ୍ତ ନିଦର୍ଶନ । ଋତୁରାଜ ବସନ୍ତରେ ପ୍ରକୃତିର ଅନ୍ତର୍ବହିଃ ସର୍ବସ୍ୱ ସରସ, ସୁନ୍ଦର ତଥା ମଧୁମୟ ଅଟେ । ଏହି ଋତୁରେ ସ୍ଥଳ ଯେପରି ତରୁଲତାଗୁଡ଼ିକର ପୁଷ୍ପସୌରଭରେ ସୁରଭିତ ଓ ବିଭୂଷିତ ହୋଇ ମନୋରମ ଦେଖାଯାଏ, ସେହିପରି ଜଳ ପଦ୍ମପୁଷ୍ପର ସୁଗନ୍ଧରେ ତଥା ରୂପସମ୍ପଦରେ ଯଥାକ୍ରମେ ସୌରଭାନ୍ୱିତ ଓ ଅଳଙ୍କୃତ ହୋଇଥାଏ । ଏହି ସମୟରେ—

ଦିବସ ରଜନୀ ପ୍ରଦୋଷ ଉଷା
ପିନ୍ଧିଥାନ୍ତି ସର୍ବେ ବସନ୍ତ ଭୂଷା ।। ( ଛାନ୍ଦମାଳା )

ମହାକବି କାଳିଦାସ ବସନ୍ତକୁ ପ୍ରଥମେ ଜଣେ ଯୋଦ୍ଧାରୂପେ ବର୍ଣ୍ଣନା କରି ଅଛନ୍ତି ।

ବୀରମାନେ ପୂର୍ବେ ଧନୁଶର ଧରି ଶତ୍ରୁର ହୃଦୟରେ ଶରବିଦ୍ଧ କରିବା ନିମନ୍ତେ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଁଥିଲେ । ସେହିପରି ବସନ୍ତବୀର ପ୍ରଫୁଲ୍ଲ ସହକାରମୁକୁଳରୂପୀ ସୁତୀକ୍ଷ୍ଣ ସାୟକକୁ ତଥା ଭ୍ରମରଗଣ ରୂପକ ଧନୁର ଗୁଣକୁ ଧନୁରେ ସଂଯୋଗ କରି ସୁରତାଭିଳାଷୀ ପୁରୁଷମାନଙ୍କର ହୃଦୟରେ ବିଦ୍ଧ କରିବାକୁ ଉପସ୍ଥିତ ହୋଇଥାଏ ।

ଏହି ବସନ୍ତ ଋତୁରେ ପାଦପଗଣ ପୁଷ୍ପବିଭୂଷିତ, ସର୍ବେବର ପଙ୍କଜିନୀମଣ୍ଡିତ, ରମଣୀଗଣ ଭୋଗବିଳାସିନୀ, ବାୟୁ ସୌରଭାନ୍ୱିତ, ସନ୍ଧ୍ୟା ସୁଖପ୍ରଦା ଓ ଦିବସ ରମଣୀୟ ।

ତେଣୁ ବସନ୍ତରେ ସମସ୍ତ ପ୍ରାକୃତିକ ଦୃଶ୍ୟ ମନୋମୁଗ୍ଧ କରି ଅଛେ । ବାପ୍ପୀ ଓ ସରୋବରର ଜଳ, ମଣିମୟ ମେଖଳା, ଚନ୍ଦ୍ରକିରଣ; ରମଣୀଗଣ, ତଥା ବକୁଳାଦିର ବୃକ୍ଷପାଦପଗଣ ବସନ୍ତର ସଂସ୍ପର୍ଶରେ ଆହ୍ଲାଦଦାୟକ ଅଟନ୍ତି । ଏକାଳରେ ମଣିମୟ ମେଖଳା ରମଣୀ ସଂସର୍ଗ ଲାଭ କରି ଦର୍ଶକର ଚିତ୍ତକୁ ଆକର୍ଷଣ କରିଥାଏ ।

ରସିକା ରମଣୀଗଣ ଏହି କାଳରେ ନବକର୍ଣ୍ଣିକାର ପୁଷ୍ପକୁ କର୍ଣ୍ଣଭୂଷଣ ରୂପେ ଧାରଣ କରନ୍ତି । କାହାର ଦୋଦୁଲ୍ୟମାନ ନୀଳ ଅଳକରେ ଅଶୋକ ପୁଷ୍ପ ଶୋଭାପାଏ । କେହି କେହି ନବମଲ୍ଲିକାକୁ ନିଜ କୁନ୍ତଳରେ ଅଳଙ୍କୃତ କରିଥାନ୍ତି । ଶ୍ୱେତଚନ୍ଦନଯୁକ୍ତ ଶୀତଳ ମୁକ୍ତାମାଳା କାହାର ସ୍ତନରେ ଭଲି ମନୋହର ଦିଶେ ଏବଂ କେଉଁ ରମଣୀର କଟି ପ୍ରଦେଶରେ ସୁରମ୍ୟ ମେଖଳା ଅବସ୍ଥାନ କରି ସ୍ତୁତିତା ବର୍ଦ୍ଧନ କରେ ।

ଏହି ଋତୁର ସପ୍ତମ ଶ୍ଳୋକଠାରୁ ତ୍ରୟୋଦଶ ଶ୍ଳୋକ ପର୍ଯ୍ୟନ୍ତ ବିଳାସିନୀ କାମିନୀମାନଙ୍କର ବେଶବିନ୍ୟାସ, ହାବଭଙ୍ଗୀ ଓ ସାତ୍ତ୍ୱିକ ବିକାର ପ୍ରଭୃତି ବର୍ଣ୍ଣିତ ହୋଇଅଛି ।

ବସନ୍ତର ଆଗମନରେ ତିର୍ଯ୍ୟକ୍‌ଯୋନି ଅର୍ଥାତ୍ ପଶୁପକ୍ଷୀ ପ୍ରଭୃତି ନିକୃଷ୍ଟ ପ୍ରାଣୀମାନଙ୍କରଠାରେ ମଧ୍ୟ ଭୋଗାଭିଳାଷ ଜାଗ୍ରତ ହୁଏ । ତାହା କବି ଯଥା ସ୍ଥାନରେ ବର୍ଣ୍ଣନା କରି ଅଛନ୍ତି ।

ରସାଳ ମୁକୁଳର ମଧୁପାନରେ ମତ୍ତ କୋକିଳ ରାଗାକୃଷ୍ଟ ହୋଇ ନିଜ ପତ୍ନୀକୁ ଚୁମ୍ବନ କରେ । ପଦ୍ମ ମଧ୍ୟରୁ ମଧୁପାନ କରି ଭ୍ରମର ମଧୁର ଗୁଞ୍ଜନ ଧ୍ୱନିରେ ନିଜ ପତ୍ନୀ ଭ୍ରମରୀର ସନ୍ତୋଷ ବିଧାନ କରେ । ଏହିପରି ବର୍ଣ୍ଣନା "କୁମାରସମ୍ଭବ" କାବ୍ୟରେ ପରିଦୃଷ୍ଟ ହୁଏ ।

ଯଥା—

ମଧୁ ଦ୍ୱିରେଫଃ କୁସୁମୈକପାତ୍ରେ
ପପୌ ପ୍ରିୟାଂ ସ୍ୱାମନୁବର୍ତ୍ତମାନଃ ।
ଶୃଙ୍ଗେଣ ଚ ସ୍ପର୍ଶନିମୀଳିତାକ୍ଷୀମ୍-
ମୃଗୀ ମକଣ୍ଡୂୟତ କୃଷ୍ଣସାରଃ ॥

"ଶିଶୁପାଳ ବଧ" କାବ୍ୟରେ ମଧ୍ୟ ମାଘକବି ବସନ୍ତର ବର୍ଣ୍ଣନାରେ ଲେଖି ଅଛନ୍ତି । ଯଥା—

ମଧୁରୟା ମଧୁବୋଧିତମାଧବୀ
ମଧୁସମୃଦ୍ଧି ସମେଧିତମେଧୟା ।
ମଧୁକରାଙ୍ଗନୟା ମୁହୁରୁନ୍ମଦ
ଧ୍ୱନିଭୃତା ନିଭୃତାକ୍ଷରମୁଜ୍ଜଗେ ॥

ମାଧବୀ ଲତାର ପୁଷ୍ପରସପାନରେ ମତ୍ତ ହୋଇ ଭ୍ରମର ନିଜ ସ୍ତ୍ରୀ ସହିତ ଉଚ୍ଚସ୍ୱରରେ ଗୁଞ୍ଜନ କରେ ।

କବିଙ୍କର ମଧ୍ୟ ଏହି ବସନ୍ତର ସପ୍ତଦଶ ଶ୍ଳୋକରେ ତଦନୁରୂପ ବର୍ଣ୍ଣନାର ପ୍ରମାଣ ମିଳେ ।

ଚୂତବୃକ୍ଷର କୋମଳ ପତ୍ରମାନ ମନ୍ଦ ମଳୟାନିଳରେ ଆନ୍ଦୋଳିତ ହେଉଅଛି । ତାହାର କୋମଳ କଳିକାକୁ ଚୁମ୍ବନ କରି ଏବଂ ସେଠାରେ ଉପବେଶନ କରି ଭ୍ରମର କାମୁକଲୋକମାନଙ୍କର ମନରେ ଉତ୍କଣ୍ଠା ଜନ୍ମାଏ ।

ପ୍ରଫୁଲ୍ଲ ଅଗ୍ନିତୁଲ୍ୟ ମନୋମୁଗ୍ଧକର ପଳାଶ ବନ ଧୀରମୃଦୁ ମଳୟ ପବନରେ ନତପୃଷ୍ଠରେ ଆନ୍ଦୋଳିତ ହୁଏ । ତୁଷାର ଦୂର ହୁଅନ୍ତେ ସୁବାସିତ ମଳୟାନିଳ ପୁଷ୍ପିତ ରସାଳ ଶାଖାକୁ ଆଲୋଡ଼ିତ କରି ଚତୁର୍ଦ୍ଦିଗରେ ପିକର ଶ୍ରୁତିମଧୁର କୂଜନକୁ ଲୋକମାନଙ୍କର କର୍ଣ୍ଣରେ ଢାଳିଦିଏ ।

ରସାଳ ମଞ୍ଜୁ ମୁକୁଳ ଯାହାର ଶର ଅତୁଳ
ପଳାଶ ସୁମନ ଯାର ଧନୁ ସୁନ୍ଦର
ଅଳିକୁଳ ଧନୁର୍ଗୁଣ ଚନ୍ଦ୍ର, ଶ୍ୱେତଛତ୍ର ପୁଣ
ମଳୟ ପବନ ମତ୍ତଗଜ ଆକର
ଘଣ୍ଟ ଯାର ପିକ ଚୁଚର
ବସନ୍ତ ସହ ସାଜେ ସେ କନ୍ଦର୍ପବୀର ।

—୦—



ଏ ଋତୁ ମିନି, ଷଷ୍ଠ, ମୃଦ୍ୟଳେ ସ୍ ଛନ୍ଦ ।

[illegible]

# ଋତୁ ସଂହାର

## ଗ୍ରୀଷ୍ମ

( ପ୍ରଥମ )

ପ୍ରଚଣ୍ଡସୂର୍ଯ୍ୟଃ ସ୍ପୃହଣୀୟଚନ୍ଦ୍ରମାଃ
ସଦାବଗାହକ୍ଷତବାରିସଞ୍ଚୟଃ ।

ଦିନାନ୍ତରମ୍ୟୋଽଭ୍ୟୁପଶାନ୍ତମନ୍ମଥୋ
ନିଦାଘକାଳୋଽୟମୁପାଗତଃ ପ୍ରିୟେ ! ୧ ।

—ଅନୁବାଦ—

ପ୍ରଖର ଦାରୁଣ ରବି ଲୋଭମୟ ବିଧୁଚ୍ଛବି
ହ୍ରାସ ହୁଏ ଜଳ, ଜଳାଧାରୁ ସତତ
ପ୍ରାଣୀ ଲଭେ ସ୍ନାନେ ସୁଖ ସୁରମ୍ୟ ରଜନୀ ମୁଖ
ଶାନ୍ତ ଭଜେ ମାର' ଖରତାପେ ନିରତ
ପ୍ରିୟେ ! ଏହି ନିଦାଘକାଳ ।
ତାପ ଦିଏ ଜୀବକୁଳେ ହୋଇ କରାଳ ॥ ୧ ।

( ଦ୍ୱିତୀୟଃ )

**ନିଶାଃ ଶଶାଙ୍କକ୍ଷତନୀଳରାଜୟଃ**
**କ୍ୱଚିଦ୍ ବିଚିତ୍ରଂ ଜଳଯନ୍ତ୍ର ମନ୍ଦିରମ୍ ।**
**ମଣି ପ୍ରକାରାଃ ସରସଂ ଚ ଚନ୍ଦନମ୍**
**ଶୁଚୌ ପ୍ରିୟେ ! ଯାନ୍ତି ଜନସ୍ୟ ସେବ୍ୟତାମ୍ ॥**

—ଅନୁବାଦ—

ଜ୍ୟୋସ୍ନାଧବଳବରନା ନିଶା ପ୍ରଫୁଲ୍ଲବଦନା
ବିଚିତ୍ର-ସଲିଳ-ଯନ୍ତ୍ର-ସଦନଚୟ,
ସୁଶୀତଳ ଚନ୍ଦ୍ରୋପଲ ସରସ ଚନ୍ଦନଜଳ
ଜନସେବାପରାୟଣ ସର୍ବେ ସଂପ୍ରତି ।
ପ୍ରିୟେ ! ଏହି ନିଦାଘକାଳ
ତାପ ଦିଏ ଜୀବକୁଳେ ହୋଇ କରାଳ ॥ ୨ ।

( ତୃତୀୟଃ )

**ସୁବାସିତଂ ହର୍ମ୍ୟତଳଂ ମନୋହରମ୍**
**ପ୍ରିୟାମୁଖୋଚ୍ଛ୍ୱାସବିକମ୍ପିତଂ ମଧୁ**
**ସୁତନ୍ତ୍ରିଗୀତଂ ମଦନସ୍ୟ ଦୀପନମ୍**
**ଶୁଚୌ ନିଶୀଥେଽନୁଭବନ୍ତି କାମିନଃ ।**

—ଅନୁବାଦ—

ବାସିତ ତଳପତଳ ମନୋରମ ହର୍ମ୍ୟତଳ
ପ୍ରେୟସୀ-ବଦନଝରା ମଧୁ ମୋହନ
ମଦନର ଉଦ୍ଦୀପନ ସୁରମ୍ୟ ବୀଣାସ୍ୱନ
ଅନୁଭବନ୍ତି ନିଶୀଥେ କାମୁକଜନ ।
ପ୍ରିୟେ ! ଏହି ନିଦାଘକାଳ
ତାପଦିଏ ଜୀବକୁଳେ ହୋଇ କରାଳ ॥ ୩ ।

( ଚତୁର୍ଥ )

**ନିତମ୍ବବିମ୍ବୈଃ ସଦୁକୂଳମେଖଳୈଃ**
**ସ୍ତନୈଃ ସହାରାଭରଣୈଃ ସଚନ୍ଦନୈଃ**
**ଶିରୋରୁହୈଃ ସ୍ନାନକଷାୟବାସିତୈଃ**
**ସ୍ତ୍ରିୟୋ ନିଦାଘଂ ଶମୟନ୍ତି କାମିନାମ୍ ।**

—ଅନୁବାଦ—

ବସନେ ରସନା ଝୁଲେ ଘନ-ଜଘନ-ମଣ୍ଡଳେ
ହାରଶୋଭି-ସଚନ୍ଦନ-କୁଚଯୁଗଳେ ।
ରାମାଏ ସ୍ନାନେ ବାସିତ କେଶଜାଳେ, ପ୍ରଶମିତ
ହରିଥାନ୍ତି ନିଦାଘର ତାପ ସଭିରେ ।
ପ୍ରିୟେ ! ଏହି ନିଦାଘକାଳ
ତାପଦିଏ ଜୀବକୁଳେ ହୋଇ କରାଳ ॥ ୪ ।

( ପଞ୍ଚମ )

**ନିତାନ୍ତ ଲାକ୍ଷାରସରାଗଲୋହିତୈଃ**
**ନିତମ୍ବିନୀନାଂ ଚରଣୈଃ ସନୂପୁରୈଃ**
**ପଦେ ପଦେ ହଂସରୁତାନୁକାରିଭିଃ**
**ଜନସ୍ୟ ଚିତ୍ତଂ କ୍ରିୟତେ ସମନ୍ମଥମ୍ ।**

—ଅନୁବାଦ—

ଲାକ୍ଷାରସେ ସୁରଞ୍ଜିତ ନୂପୁର ଯୁଗେ ସିଞ୍ଜିତ
ହଂସରବ ଅନୁକାରୀ ପାଦ ଯୁଗଳେ ।
ବଳେ ନିତମ୍ବିନୀ ଗଣ ଜନମାନସ ରଞ୍ଜନ
କରିଥାନ୍ତି ପ୍ରେମଭରେ ସଦା ଶଯୂଳେ ।
ପ୍ରିୟେ ! ଏହି ନିଦାଘକାଳ
ତାପ ଦିଏ ଜୀବକୁଳେ ହୋଇ କରାଳ ॥ ୫ ।

(ଷଷ୍ଠ)

**ପୟୋଧରାଶ୍ଚନ୍ଦନପଙ୍କଚର୍ଚ୍ଚିତା**
**ସ୍ତୁଷାର ଗୌରାର୍ପିତହାରଶେଖରାଃ**

**ନିତମ୍ବ ଦେଶାଶ୍ଚ ସହେମମେଖଳାଃ**
**ପ୍ରକୁର୍ବତେ କସ୍ୟ ମନୋ ନ ସୋତ୍ସୁକମ୍**

—ଅନୁବାଦ—

ମୁକ୍ତାହାର ବିଲମ୍ବିତ ଘନ-ଚନ୍ଦନ-ଚର୍ଚ୍ଚିତ
ତୁଷାର-ଗଉର, ବାଳା-କୁଚଯୁଗଳ
କନକ-ମେଖଳାଯୁତ ରାମାନିତମ୍ବ ବିଦ୍ଧିତ
ନ କରେ କାହା ମନକୁ ଅବା ଚଞ୍ଚଳ ?
ପ୍ରେୟେ ! ଏହି ନିଦାଘ କାଳ
ତାପଦିଏ ଜୀବକୁଳେ ହୋଇ କରାଳ ॥ ୬ ।

( ସପ୍ତମ )

**ସମୁଦ୍‌ଗତଃ ସ୍ୱେଦଚିତାଙ୍ଗସନ୍ଧୟୋ**
**ବିମୁଚ୍ୟ ବାସାଂସି ଗୁରୂଣି ସାମ୍ପ୍ରତମ ।**

**ସ୍ତନେଷୁ ତନ୍ୱଂଶୁକମୁନ୍ନତସ୍ତନାଃ**
**ନିବେଶୟନ୍ତି ପ୍ରମଦାଃ ସଯୌବନାଃ ।**

—ଅନୁବାଦ—

ଅଙ୍ଗସନ୍ଧି ସ୍ୱେଦଜଳେ ସିକ୍ତ, ପ୍ରମଦା ସକଳେ
ସ୍ଥୂଳବାସ ତେଜି ପିନ୍ଧି କ୍ଷୀଣ-ବସନ
କୁଚ ଲଘୁ କଞ୍ଚୁକରେ ଆବୋରନ୍ତି ବିମୁଖରେ
ଲୋଡନ୍ତି ଶୀତଳସ୍ଥାନ ଯୁବତୀଗଣ ।
ପ୍ରିୟେ ! ଏହି ନିଦାଘକାଳ
ତାପଦିଏ ଜୀବକୁଳେ ହୋଇ କରାଳ ॥ ୭ ।

( ଅଷ୍ଟମ )

ସଚନ୍ଦନାମ୍ବୁବ୍ୟଜନୋଦ୍ଭବାନିଲୈଃ
ସହାରଯଷ୍ଟିସ୍ତନମଣ୍ଡଳାର୍ପଣୈଃ
ସବଲ୍ଲକୀକାକଲଗୀତ ନିଃସ୍ୱନୈଃ
ବିବୋଧ୍ୟତେ ସୁପ୍ତ ଇବାଦ୍ୟ ମନ୍ମଥଃ ।

—ଅନୁବାଦ—

ଶୀତ-ଚନ୍ଦନ ସଲିଳେ, ବ୍ୟଜନଜାତ ଅନିଳେ
ମୁକୁତାହାର ମଣ୍ଡିତ ସ୍ତନଯୁଗଳେ
ବୀଣାର କଳଗୁଞ୍ଜନେ ମଧୁ ସଙ୍ଗୀତ ନିଃସ୍ୱନେ
ଜଗାନ୍ତି ମନ୍ମଥସବ ବାଳାଏ ବଳେ ;
ପ୍ରିୟେ ! ଏହି ନିଦାଘ କାଳ
ତାପ ଦିଏ ଜୀବକୁଳେ ହୋଇ କରାଳ । ୮ ।

( ନବମ )

ସିତେଷୁ ହର୍ମ୍ୟେଷୁ ନିଶାସୁ ଯୋଷିତାମ୍
ସୁଖପ୍ରସୁପ୍ତାନି ମୁଖାନି ଚନ୍ଦ୍ରମାଃ
ବିଲୋକ୍ୟ ନୂନଂ ଭୃଶମୁତ୍ସୁକଶ୍ଚିରମ୍
ନିଶାକ୍ଷୟେ ଯାତି ହ୍ରିୟେବ ପାଣ୍ଡୁତାମ୍ ।

—ଅନୁବାଦ—

ଧବଳ ସଉଧ ତଳେ ସୁପ୍ତ-ମୁଖ-ମଣ୍ଡଳେ
ଦେଖି ବିଧୁ ରଜନୀରେ ଅବଳାଙ୍କର,
ଲାଜେ କି ହୋଇ ଧୂସର ନିଶା ଶେଷେ ସୁଧାକର
ଲୁଚଇ ଏ ଅସ୍ତାଚଳେ ଯାଇ ସତ୍ୱର ।
ପ୍ରିୟେ ! ଏହି ନିଦାଘ କାଳ ।
ତାପଦିଏ ଜୀବକୁଳେ ହୋଇ କରାଳ । ୯ ।

( ଦଶମ )

ଅସହ୍ୟ ବାତୋଦ୍ଧତରେଣୁମଣ୍ଡଳା
ପ୍ରଚଣ୍ଡସୂର୍ଯ୍ୟାତପତାପିତା ମହୀ
ନ ଶକ୍ୟତେ ଦ୍ରଷ୍ଟୁମପି ପ୍ରବାସିଭିଃ
ପ୍ରିୟାବିୟୋଗାନଳଦଗ୍ଧମାନସୈଃ

—ଅନୁବାଦ—

ଉଠେ ଉତ୍ତପ୍ତ ପବନେ ଧୂଳି ପଟଳ ଗଗନେ
ଖର ରଶ୍ମିରେ ତାପିତା ଧରଣୀ ଆଜ,
ପ୍ରିୟା-ବିରହ ଅନଳେ ଦଗ୍ଧ ହୃଦୟ ସକଳେ
ଦର୍ଶନେ ନୁହଁନ୍ତି କ୍ଷମ ପଥିକ ରାଜ ।
ପ୍ରିୟେ ! ଏହି ନିଦାଘ କାଳ
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୦।

( ଏକାଦଶ )

ମୃଗାଃ ପ୍ରଚଣ୍ଡାତପତାପିତା ଭୃଶମ୍
ତୃଷା ମହତ୍ୟା ପରିଶୁଷ୍କତାଲବଃ ।
ବନାନ୍ତରେ ତୋୟମିତି ପ୍ରଧାବିତା
ନିରୀକ୍ଷ୍ୟ ଭିନ୍ନାଞ୍ଜନସନ୍ନିଭଂ ନଭଃ ।।

—ଅନୁବାଦ—

ରବି-କିରଣେ ତାପିତ ହରିଣେ ହୋଇ ତୃଷିତ
ଦଳିତ ଅଞ୍ଜନ ସମ ଦେଖି ଆକାଶ,
"ବନାନ୍ତରେ ଅଛି ଜଳ" ବୋଲି ଧାଇଁ ଅବିରଳ
ହୋଇଥାନ୍ତି ଅବଶେଷେ ମହାନିରାଶ ।
ପ୍ରିୟେ ! ଏହି ନିଦାଘ କାଳ
ତାପ ଦିଏ ଜୀବକୁଳେ ହୋଇ କରାଳ ୧୧ ।

( ଦ୍ୱାଦଶ )

ସବିଭ୍ରମୈଃ ସସ୍ମିତଜିହ୍ମବୀକ୍ଷିତୈଃ
ବିଳାସବତ୍ୟୋ ମନସି ପ୍ରବାସିନାମ୍ ।

ଅନଙ୍ଗସନ୍ଦୀପନମାଶୁ କୁର୍ବତେ
ଯଥା ପ୍ରଦୋଷାଃ ଶଶିଚାରୁଭୂଷଣାଃ ।।

—ଅନୁବାଦ—

ନବଯୌବନେ ଅଙ୍ଗନା ଉନ୍ମାଦନୀ ଚନ୍ଦ୍ରାନନା
ସସ୍ମିତ ବଙ୍କନୟନେ ପ୍ରବାସୀ ମନେ
ଆଣେ କାମ ଉଦ୍ଦୀପନ ଶଶାଙ୍କ ଚାରୁଭୂଷଣ
ପ୍ରଦୋଷକାଳ ସମାନ, ବିଦେଶେ ଜନେ ।
ପ୍ରିୟେ ! ଏହି ନିଦାଘକାଳ
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୨ ।

( ତ୍ରୟୋଦଶ )

ରବେର୍ମୟୂଖୈରଭିତାପିତୋ ଭୃଶମ
ବିଦହ୍ୟମାନଃ ପଥି ତପ୍ତପାଂଶୁଭିଃ ।
ଅବାଙ୍ମୁଖୋଽଜିହ୍ମ ଗତଃ ଶ୍ୱସନ୍ ମୁହୁଃ
ଫଣୀ ମୟୂରସ୍ୟ ତଳେ ନିଷୀଦତି ।।

—ଅନୁବାଦ—

ଦିନକର କିରଣରେ ତପତ ହୋଇ ସତ୍ୱରେ
ପଥେ ଦଗଧ ଉରଗ ଉଷ୍ଣ ଧୂଳିରେ
ନତ ମୁଖେ ଖରଶ୍ୱାସେ ସରଳେ ଗମି ବିଶ୍ୱାସେ
ବିଶ୍ରମେ ମୟୂରପିଚ୍ଛ-ତଳେ ମନ୍ଥରେ ।
ପ୍ରିୟେ ! ଏହି ନିଦାଘ କାଳ
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୩ ।

( ଚତୁର୍ଦ୍ଦଶ )

ତୃଷା ମହତ୍ୟା ହତବକ୍ରମୋଦ୍ୟମଃ
ଶ୍ୱସନ୍‌ମୁହୁର୍ଦ୍ଦୂର ବଦାରତାନନଃ
ନ ହନ୍ତ୍ୟଦୂରେଽପି ଗଜାନ୍ ମୃଗେଶ୍ୱରୋ
ବିଲୋଲଜିହ୍ୱଶ୍ଚଳତାଗ୍ରକେଶରଃ ॥

– ଅନୁବାଦ –

ତୃଷାତୁର ହତୋଦ୍ୟମ ମୃଗେନ୍ଦ୍ର ନଷ୍ଟବହ୍ନମ
ପଡ଼ିରହେ ଦୀର୍ଘଶ୍ୱାସେ ମ୍ଳାନବଦନେ,
ଅଦୂରେ ଥିଲେହେଁ କରୀ, ନ ମାରେ ତାଙ୍କୁ କେଶରୀ
ଜିହ୍ୱା କେଶରାଗ୍ର ତା'ର ଥାଏ କମ୍ପନେ ।
ପ୍ରିୟେ ! ଏହି ନିଦାଘ କାଳ ।
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୪ ।

( ପଞ୍ଚଦଶ )

ବିଶୁଷ୍କ କଣ୍ଠାହୃତଶୀକରାମ୍ଭସୋ
ଗଭସ୍ତିଭିର୍ଭାନୁମତୋଽନୁତାପିତାଃ
ପ୍ରବୃଦ୍ଧତୃଷ୍ଣୋପହତା ଜଳାର୍ଥିନୋ
ନ ଦନ୍ତିନଃ କେଶରିଣୋଽପି ବିଭ୍ୟତି ॥

--ଅନୁବାଦ--

ଶୁଷ୍କକଣ୍ଠେ ଗଜଗଣ ଶୀତଜଳ ଅନ୍ୱେଷଣ
କରନ୍ତି ସନ୍ତପ୍ତ ହୋଇ ରବିକିରଣେ
ତୃଷା ବଢନ୍ତେ ହତାଶ ଜଳାର୍ଥୀ ଦନ୍ତୀନିକର
ଭ୍ରମନ୍ତି ବନେ ନ ଡରି ମୃଗେନ୍ଦ୍ରଗଣେ
ପ୍ରିୟେ ! ଏହି ନିଦାଘ କାଳ
ତାପ ଦିଏ ଜୀବକୁଳେ ହୋଇ କରାଳ ॥

( ଷୋଡ଼ଶ )

ହୁତାଗ୍ନି କଳ୍ପୈଃ ସବିତୁର୍ଗଭସ୍ତିଭିଃ
କଳାପିନଃ କ୍ଳାନ୍ତଶରୀର ଚେତନାଃ,
ନ ଭୋଗିନଂ ଘ୍ନନ୍ତି ସମୀପବର୍ତ୍ତିନମ୍
କଳାପଚକ୍ରେଷୁ ନିବେଶିତାନନମ୍ ।।

—ଅନୁବାଦ—

ହୁତାଗ୍ନି ସମ ଭାସ୍କର— କରେ କଳାପିନିକର
କ୍ଳାନ୍ତଦେହ ଶ୍ରାନ୍ତମନେ ଅଛନ୍ତି ରହି,
ତାଙ୍କର ପବନାଶନେ ଆଗ୍ରହ ନାହିଁ ଅଶନେ
ପୁଚ୍ଛେ ଅନାଇ ପାରୁଚେଶ ରହିଛନ୍ତି ଅହି ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଢଏ ଜୀବକୁଳେ ହୋଇ କରାଳ । ୧୩ ।

( ସପ୍ତଦଶ )

ସଭଦ୍ର ମୁସ୍ତଂ ପରିଶୁଷ୍କ କର୍ଦ୍ଦମଂ
ସରଃ ଖନନ୍ନାୟତପୋତ୍ରମଣ୍ଡଳୈଃ
ରବେର୍ମୟୂଖୈରଭିତାପିତୋ ଭୃଶଂ
ବରାହୟୂଥୋ ବିଶତୀବ ଭୂତଳମ୍

—ଅନୁବାଦ -

ମୁଥା ଶୋଭିତ ତଟରେ ପରିଶୁଷ୍କ କର୍ଦ୍ଦମରେ
ଶୋଭେ ସର, ତହିଁ ଆସି ଘୋଣ ଅଗ୍ରରେ
ଖୋଳି ତାକୁ ଭୂମିତଳେ ପଶନ୍ତି ବରାହ ଦଳେ
ଥିଲେ ଯେ ସନ୍ତପ୍ତ ବନେ ଖରାଂଶୁକରେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଢଏ ଜୀବକୁଳେ ହୋଇ କରାଳ । ୧୦ ।

( ଅଷ୍ଟାଦଶ )

ବିବସ୍ୱତା ତୀକ୍ଷ୍ଣତରାଂଶୁ-ଶାଳିନା
ସପଙ୍କତୋୟାତ୍ ସରସୋଽଭିତାପିତଃ
ଉତ୍ପ୍ଲୁତ୍ୟ ଭେକସ୍ତୃଷିତସ୍ୟ ଭୋଗିନଃ
ଫଣାତପତ୍ରସ୍ୟ ତଳେ ନିଷୀଦତି ॥

—ଅନୁବାଦ—

ତୀକ୍ଷ୍ଣ କିରଣେ ଭାସ୍କର ସନ୍ତପ୍ତ ହୋଇ ଦର୍ଦ୍ଦୁର
ତଡ଼ାଗ-ପଙ୍କିଳ ଜଳୁ ହୋଇ ବାହାର
ଡେଇଁ ଆଶ୍ରା କରେ ବଳେ ଅହି-ଫଣା ଛତ୍ରତଳେ
ସର୍ପ ଯେ ତୃଷିତ ହିଂସା ନାହିଁ ତାହାର ।
ପ୍ରିୟେ ! ଏହି ନିଦାଘକାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୮ ।

( ଊନବିଂଶ )

ସମୁଦ୍ଧୃତାଶେଷ-ମୃଣାଳଜାଳକମ୍
ବିପନ୍ନମୀନଂ ଦ୍ରୁତଭୀତସାରସମ୍
ପରସ୍ପରୋତ୍ପୀଡ଼ନ-ସଂହତୈର୍ଗଜୈଃ
କୃତଂ ସରଃ ସାନ୍ଦ୍ରବିମର୍ଦ୍ଦକର୍ଦ୍ଦମମ୍ ॥

—ଅନୁବାଦ—

ପ୍ରଖର ଗ୍ରୀଷ୍ମ ପୀଡ଼ିତ ଗଜେ ହୋଇ ସମ୍ମିଳିତ
ଭୁଞ୍ଜନ୍ତି ମୃଣାଳ-ଜାଳ ପ୍ରବେଶି ସରେ
କର୍ଦ୍ଦମ କରି ମର୍ଦ୍ଦନ ମୀନ-ନିକରେ ବିପନ୍ନ
ତା ଦେଖି ଭୟେ ସାରସେ ପଳାନ୍ତି ଖରେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୧୯ ।

( ବିଂଶ )

**ରବିପ୍ରଭୋଦ୍ଭିନ୍ନ ଶିରୋମଣି ପ୍ରଭୋ**
**ବିଲୋଲଜିହ୍ୱାଦ୍ୱୟ-ଲୀଢମାରୁତଃ**
**ବିଷାଗ୍ନି-ସୂର୍ଯ୍ୟାତପ-ତାପିତଃ ଫଣୀ**
**ନ ହନ୍ତି ମଣ୍ଡୂକକୁଳଂ ତୃଷାକୁଳଃ ॥**

—ଅନୁବାଦ—

ରବି କିରଣରେ ଝଳେ    ଯା ଶିରୋମଣି ଯୁଗଳେ
ଗ୍ରୀଷ୍ମତାପେ ବିଷାଗ୍ନିରେ ପୁଣି ସେ ଅନ୍ଧ,
ରତ ବିଲୋଳ-ରସନେ    ତପ୍ତ-ପବନ ସେବନେ
ତୃଷାତୁରେ ଭେକକୁଳେ ନ ମାରେ ତହିଁ ।
ପ୍ରିୟେ ! ଏହି ନିଦାଘ କାଳ,
ତାପଦିଏ ଜୀବକୁଳେ ହୋଇ କରାଳ । ୨୦ ।

( ଏକବିଂଶ )

**ସଫେନଲୋଳାବୃତ ବକ୍ତ୍ରସଂପୁଟଂ**
**ବିନିଃସୃତାଲୋହିତଜିହ୍ୱମୁନ୍ମୁଖମ୍**
**ତୃଷାତୁରଂ ନିଃସୃତମଦ୍ରିଗହ୍ୱରାତ୍**
**ଅବେକ୍ଷମାଣଂ ମହିଷୀକୁଳଂ ଜଳମ୍ ॥**

—ଅନୁବାଦ—

ଆପ୍ଲୁତ ଲୋଳ-ରସନେ    ନିର୍ଗତ-ଫେନ-ବଦନେ
ପିପାସାକୁଳ ମହିଷ କୁଳ ସକଳେ
ଗିରି ଗହ୍ୱରୁ ନିର୍ଗତ    ହୋଇ ଅରଣ୍ୟେ ବିବ୍ରତ
ଜଳଖୋଜି ଭ୍ରମୁଥାନ୍ତି ଏ ଧରା ତଳେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ ।୨୧ ।

( ଦ୍ୱାବିଂଶ )

ପଟୁତର-ଦବଦାହୋଚ୍ଛୁଷ୍ଟଶସ୍ୟପ୍ରରୋହାଃ
ପରୁଷପବନବେଗୋତ୍କ୍ଷିପ୍ତସଂଶୁଷ୍କପର୍ଣ୍ଣାଃ
ଦିନକରପରିତାପ-କ୍ଷୀଣତୋୟାଃ ସମନ୍ତାଦ୍
ବିଦଧତି ଭୟମୁଚ୍ଚୈର୍ବୀକ୍ଷ୍ୟମାଣା ବନାନ୍ତାଃ ॥

—ଅନୁବାଦ—

ପ୍ରବଳ ବନ-ଅନଳେ ଶସ୍ୟ ଅଙ୍କୁର ସକଳେ
ଦଗ୍‌ଧ ହୋଇ ହରିଜନ୍ତି ଉପାନ୍ତ ବନେ,
ପ୍ରଚଣ୍ଡ ପବନ ଭରେ ଶୁଷ୍କ ପତ୍ର ଥରଥରେ
ଉତ୍‌କ୍ଷିପ୍ତ ହୋଇ ଉଡ଼ନ୍ତି ସଦା ଗଗନେ
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ ।୨୨। (କ)

—ଅନୁବାଦ—

ଦିନକର ତାପ ଘରେ ଜଳାଶୟ ସବୁଠାରେ
ନରେଖି ଏ ଦୃଶ୍ୟ ଭୟ ଜନ୍ମେ ଅପାର,
ତୃଷ୍ଣାର୍ତ୍ତ ସର୍ବେ ଆକୁଳ ଚରାଚର ଜୀବକୁଳ
ଚିନ୍ତନ୍ତି ଏବେ ଶରଣ ନେବୁ କାହାର ?
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ ।୨୨। (ଖ)

( ତ୍ରୟୋବିଂଶ )

ଶ୍ୱସିତି ବିହଗବର୍ଗଃ ଶୀର୍ଣ୍ଣପର୍ଣ୍ଣଦ୍ରୁମସ୍ଥଃ
କପିକୁଳମୁପଯାତି କ୍ଳାନ୍ତମଦ୍ରେର୍ନିକୁଞ୍ଜମ୍
ଭ୍ରମତି ଗବୟଯୂଥଃ ସର୍ବତସ୍ତୋୟମିଚ୍ଛନ୍
ଶରଭକୁଳମଜିହ୍ମଂ ପ୍ରୋଦ୍ଧରତ୍ୟମ୍ବୁ କୂପାତ୍

—ଅନୁବାଦ—

ସ୍ଫୁରନ୍ତ ଦୀର୍ଘନିଃଶ୍ୱାସ ବନ୍ଧନରେ ହୋଇ ହତାଶ
ଶୁଷ୍କପତ୍ର-ତରୁଶାଖେ ବସି ଆବର
କ୍ଲାନ୍ତ ହୋଇ କପିକୁଳ ତୃଷାରେ ହୋଇ ଆକୁଳ
ଆଶ୍ରୟ ନିଅନ୍ତି ଗିରିକୁଞ୍ଜେ ସତ୍ୱର ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୩ । (କ)

—ଅନୁବାଦ—

କାହିଁ ବା ଗବୟ ଦଳ ଲୋଡ଼ନ୍ତି ବପିନେ ଜଳ
ପିପାସାରେ ଯାଏ ଶୁଖି କଣ୍ଠ ତାଙ୍କର
କେଉଁଠି ଶରଭକୁଳ ତୃଷାରେ ହୋଇ ଆକୁଳ
ଗ୍ରୀବା ଲମ୍ବାଇ ଆଣନ୍ତି ଜଳ କୂପର ।
ପ୍ରିୟେ ! ଏହି ନିଦାଘକାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୩ । (ଖ)

( ଚତୁର୍ବିଂଶ )

**ବିକଚନବକୁସୁମ୍ଭ-ସ୍ୱଚ୍ଛସିନ୍ଦୂରଭାସା**
**ପ୍ରବଳପବନବେଗୋଦ୍ଭୂତବେଗେନ ତୂର୍ଣ୍ଣମ୍ ।**
**ତଟବିଟପଲତାଗ୍ରାଲିଙ୍ଗନ ବ୍ୟାକୁଳେନ**
**ଦିଶି ଦିଶି ପରିଦଗ୍ଧା ଭୂମୟଃ ପାବକେନ ॥**

—ଅନୁବାଦ—

ପ୍ରଳୟ ପବନଭରେ ଚୌଦିଗେ ବ୍ୟାପି ବେଗରେ
ପ୍ରଫୁଲ୍ଲ-କୁସୁମ୍ଭ-ସମ ରକ୍ତଅନଳ
ସିନ୍ଦୂର କରଣେ ତାର ତଟ ବିଟପ ଲତାର
ଅଗ୍ର କରେ ଆଲିଙ୍ଗନ ହୋଇ ପ୍ରବଳ ।
ପ୍ରିୟେ ! ଏହି ନିଦାଘ କାଳ,
ତାପଦିଏ ଜୀବକୁଳେ ହୋଇ କରାଳ । ୨୪ ।

( ପଞ୍ଚବିଂଶ )

**ଜ୍ୱଲତି ପବନ-ବୃଦ୍ଧଃ ପର୍ବତାନାଂ ଦରୀଷୁ**
**ସ୍ଫୁଟତି ପଟୁନିନାଦୈଃ ଶୁଷ୍କବଂଶସ୍ଥଲୀଷୁ ।**
**ପ୍ରସରତି ତୃଣମଧ୍ୟଂ ଲବ୍ଧବୃଦ୍ଧିଃ କ୍ଷଣେନ**
**ଗ୍ଲପୟତି ମୃଗବର୍ଗଂ ପ୍ରାନ୍ତଲଗ୍ନୋ ଦବାଗ୍ନିଃ ॥**

—ଅନୁବାଦ—

ବଢ଼େ ପବନ ବେଗରେ ଦାବାଗ୍ନି ଜ୍ୱଳେ ଗହ୍ୱରେ
ଶୁଷ୍କ-ବଂଶବନେ ଫୁଟେ ଘୋର ନାଦରେ
କ୍ଷଣକେ ବଢ଼ଇ ତୃଣେ ବ୍ୟାପିଯାଏ ବହୁଗୁଣେ
ପୁଚ୍ଛେ ଲାଗି ସେମାନଙ୍କୁ ପକାଏ ଦରେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୫ ।

( ଷଡ଼ବିଂଶ )

**ବହୁତର ଇବ ଜାତଃ ଶାଲ୍ମଲୀନାଂ ବନେଷୁ**
**ସ୍ଫୁରତି କନକଗୌରଃ କୋଟରେଷୁ ଦ୍ରୁମାଣାମ୍ ।**
**ପରିଣତଦଳଶାଖାନ୍ ଉତ୍ପତନ୍ ପ୍ରାଂଶୁବୃକ୍ଷାନ୍**
**ଭ୍ରମତି ପବନଧୂତଃ ସର୍ବତୋଽଗ୍ନିର୍ବନାନ୍ତେ ॥**

—ଅନୁବାଦ—

ଘେନି ଶୁଭ୍ରଆଭ୍ର ପଣେ ଶାଲ୍ମଳୀ ବନେ ଉଭସେ
କନକ-ଗଉର ତେଜେ ଦ୍ରୁମକୋଟରେ
ଉନ୍ନତ ତରୁଶାଖାରେ ଡେଇଁ ଭ୍ରମେ ଧୂ ଡିଙ୍ଗାରେ
ବାୟୁବିକମ୍ପିତ ବନେ ସର୍ବତ୍ର ଚାରେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୬ ।

( ସପ୍ତବିଂଶ )

**ଗଜ-ଗବୟ-ମୃଗେନ୍ଦ୍ରା ବହ୍ନି-ସନ୍ତପ୍ତ-ଦେହାଃ**
**ସୁହୃଦ ଇବ ସମେତା ଦ୍ୱନ୍ଦ୍ୱଭାବଂ ବିହାୟ ।**
**ହୁତବହପରିଖେଦାଦାଶୁ ନିର୍ଗତ୍ୟ କକ୍ଷା—**
**ଦ୍ୱିପୁଳପୁଳିନ ଦେଶା ନ୍ନିମ୍ନଗାଂ ସଂବିଶନ୍ତି ॥**

—ଅନୁବାଦ—

ଗଜ-ଗବୟ-କେଶରୀ ଦ୍ୱନ୍ଦ୍ୱଭାବ ପରିହରି
ବନ୍ଧୁ ସମ ମିଳି ସର୍ବେ ଅଗ୍ନି ତାପରେ
ପୁଳିନଦେଶୁଁ ସରିବେ ନିମ୍ନଗାତଟେ ମିଳିବେ
ପ୍ରବେଶନ୍ତି ସବିଷାଦେ ତପ୍ତଦେହରେ ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୭ ।

( ଅଷ୍ଟାବିଂଶ )

**କମଳବନ-ଚିତାମ୍ବୁଃ ପାଟଳାମୋଦରମ୍ୟଃ**
**ସୁଖ-ସଲିଲ-ନିଷେକଃ ସେବ୍ୟ ଚନ୍ଦ୍ରାଂଶୁ ହାରଃ**
**ବ୍ରଜତୁ ତବ ନିଦାଘଃ କାମିନୀଭିଃ ସମେତୋ**
**ନିଶି ସୁଲଳିତଗୀତେ ହର୍ମ୍ୟପୃଷ୍ଠେ ସୁଖେନ ॥**

—ଅନୁବାଦ—

ପାଟଳାମୋଦ ନିର୍ମଳ କମଳ ବନ-କମଳ
ଶୀତଳଜଳସ୍ନାନ ସେବ୍ୟ ଚନ୍ଦ୍ରାଂଶୁହାର
କାମିନୀସଙ୍ଗେ ଭ୍ରମର ପ୍ରାସାଦପୃଷ୍ଠେ ସତ୍ୱର
ମଧୁ ସଙ୍ଗୀତେ ନାଶନ୍ତୁ ଦୁଃଖ ସମ୍ଭାର ।
ପ୍ରିୟେ ! ଏହି ନିଦାଘ କାଳ,
ତାପ ଦିଏ ଜୀବକୁଳେ ହୋଇ କରାଳ । ୨୮ ।

# ବର୍ଷା ବିଳାସ

( ପ୍ରଥମ )

ସ ଶୀକରାମ୍ଭୋଧରମତ୍ତକୁଞ୍ଜରଃ
ତଡ଼ିତ୍‌ପତାକୋଽଶନିଶବ୍ଦ-ମର୍ଦ୍ଦଳଃ
ସମାଗତୋ ରାଜବଦୁଦ୍ଧତଦ୍ୟୁତି
ର୍ଘନାଗମଃ କାମିଜନପ୍ରିୟଃ ପ୍ରିୟେ ।

—ଅନୁବାଦ—

ସଶୀକର ଜଳଧର ଉନ୍ମତ୍ତ ମତ୍ତକୁଞ୍ଜର
ବସି ତହିଁ ଘନାଗମ-କାଳ ମୋଦରେ
ଚପଳାଧ୍ୱଜ ଉଡ଼ାଇ ବଜ୍ର ମାଦଳ ବଜାଇ
ନୃପସମ ସମାରୋହେ ନଭେ ବିହରେ ।
ପ୍ରିୟେ ! ରାଜେ ଜଳଦକାଳ,
କାମିଜନପ୍ରିୟ କର ଧରି ରସାଳ । ୧ ।

( ଦ୍ୱିତୀୟ )

ନିତାନ୍ତ-ନୀଳୋତ୍ପଳ—ପତ୍ରକାନ୍ତିଭିଃ
କ୍ୱଚିତ୍ ପ୍ରଭିନ୍ନାଞ୍ଜନରାଶି-ସନ୍ନିଭୈଃ
କ୍ୱଚିତ୍ ସଗର୍ଭପ୍ରମଦାସ୍ତନ-ପ୍ରଭୈଃ
ସମାଚିତଂ ବ୍ୟୋମ ଘନୈଃ ସମନ୍ତତଃ ॥

—ଅନୁବାଦ—

କାହିଁ ଗାଢ଼ନୀଳୋତ୍ପଳ କାନ୍ତିସମ ସୁଶ୍ୟାମଳ
କାହିଁବା ଦଳିତାଞ୍ଜନତୁଲ୍ୟ ମେଦୁର
ସଗର୍ଭ ପ୍ରମଦାସ୍ତନ— ପ୍ରଭାସମ ନବଘନ
ନଭେ ବ୍ୟାପି ସବୁଆଡ଼େ ଦିଶେ ମଧୁର ।
ପ୍ରିୟେ ! ଜଳଧର-ସମୟ,
ଜଳଚର ଜୀବେ ଦାନକରେ ଅଭୟ । ୨ ।

( ତୃତୀୟ )

ତୃଷାକୁଳୈଃ ଚାତକପକ୍ଷିଣାଂକୁଳୈଃ
ପ୍ରଯାଚିତା ସ୍ତୋୟଭରାବଲମ୍ବିନଃ

ପ୍ରୟାନ୍ତିମନ୍ଦଂ ବହୁଧାରବର୍ଷିଣୋ
ବଳାହକାଃ ଶ୍ରୋତ୍ରମନୋହରସ୍ୱନାଃ ।

—ଅନୁବାଦ—

ତୃଷାରେ ହୋଇ ଆକୁଳ   ଚାତକପକ୍ଷୀକୁଳ
ପ୍ରାର୍ଥନା କରନ୍ତେ ଜଳଧରେ କାତରେ
ଅବିରଳ ଜଳଧାରେ   ବରଷନ୍ତି ବସୁଧାରେ
ଧୀର ଗମନେ ଜଳଦେ ମଧୁର ସ୍ୱରେ ।
ପ୍ରିୟେ ! ଜଳଧର ସମୟ,
ଜଳଚର ମାନେ ଦାନ କରେ ଅଭୟ । ୩ ।

( ଚତୁର୍ଥ )

ବଳାହକା ଶ୍ଚାଶନିଶବ୍ଦମର୍ଦ୍ଦଳାଃ
ସୁରେନ୍ଦ୍ରଚାପଂ ଦଧତସ୍ତଡିଦ୍ଗୁଣମ୍

ସୁତୀକ୍ଷ୍ଣଧାରା—ପତନୋଗ୍ରସାୟକୈ
ସ୍ତୁଦନ୍ତି ଚେତଃ ପ୍ରସଭଂ ପ୍ରବାସିନାମ୍ ।

—ଅନୁବାଦ—

ଅଶନି ଯାର ମାଦଳ   ତଡ଼ିତ୍ ଗୁଣ ସମୁଜ୍ଜ୍ୱଳ
ଇନ୍ଦ୍ରଧନୁ ଧନୁ, ଧାରାପତନ ଯାର
ସୁତୀକ୍ଷ୍ଣ ଶର ସମାନ   ସେ ଘନ ଘେନ ଏମାନ
ପ୍ରବାସୀମାନସେ ଦୁଃଖ ଦିଏ ଅପାର ।
ପ୍ରିୟେ ! ଜଳଧର ସମୟ,
ଜଳଚର ମାନେ ଦାନ କରେ ଅଭୟ । ୪ ।

( ପଞ୍ଚମ )

**ପ୍ରଭିନ୍ନବୈଦୁର୍ଯ୍ୟନିଭୈ ସ୍ତୃଣାଙ୍କୁରୈଃ**
**ସମାଚିତା ପ୍ରୋତ୍‌ଥିତକନ୍ଦଳୀଦଳୈଃ**

**ବିଭାତି ଶୁକ୍ଳେତର—ରତ୍ନଭୂଷିତା**
**ବରାଙ୍ଗନେବ କ୍ଷିତିରିନ୍ଦ୍ରଗୋପକୈଃ ।**

—ଅନୁବାଦ—

ବୈଦୁର୍ଯ୍ୟମଣି ସମାନ    ରାଜେ ତୃଣାଙ୍କୁର ମାନ
ପ୍ରୋତ୍‌ଥିତ କନ୍ଦଳୀଦଳେ ଶୋଭେ ଧରଣୀ
ତେଜି ଶୁକ୍ଳରତ୍ନ ଅନ୍ୟେ    ଭୂଷିତା ବାମା ଯେସନେ
ସାଧବ-ବଧୂରେ ତଥା ରାଜେ ଅବନୀ ।
ପ୍ରିୟେ ! ଜଳଧର ସମୟ,
ଜଳଚର ଜୀବେ ଦାନକରେ ଅଭୟ । ୫ ।

( ଷଷ୍ଠ )

**ସଦା ମନୋଜ୍ଞଂ ସ୍ୱନଦୁତ୍ସବୋତ୍ସୁକମ୍**
**ବିକୀର୍ଣ୍ଣ-ବିସ୍ତୀର୍ଣ୍ଣ-କଳାପଶୋଭିତମ୍**

**ସସମ୍ଭ୍ରମାଳିଙ୍ଗନ-ଚୁମ୍ବନାକୁଳମ୍**
**ପ୍ରବୃତ୍ତନୃତ୍ୟଂ କୁଳମଦ୍ୟ ବର୍ହିଣାମ୍ ।**

—ଅନୁବାଦ—

ଉତ୍ସବପ୍ରିୟ-ମୟୂରେ    କରନ୍ତି ସ୍ୱନ ମଧୁରେ
ପୁଚ୍ଛ ମେଲାଇ ରାଜନ୍ତି ବନେ ଅଦୂରେ
ଆଳିଙ୍ଗନ ଚୁମ୍ବନରେ    ରତ ରହି ନିରନ୍ତରେ
କରନ୍ତି ନୃତ୍ୟ ନିରେଖି ଘନେ ମେଦୁରେ ।
ପ୍ରିୟେ ! ଜଳଧର ସମୟ,
ଜଳଚର ଜୀବେ ଦାନ କରେ ଅଭୟ । ୬ ।

---

କନ୍ଦଳୀ—ପାଣିକେନ୍ଦୁ

( ସପ୍ତମ )

ନିପାତୟନ୍ତ୍ୟଃ ପରିତଃ ତଟଦ୍ରୁମାନ୍
ପ୍ରବୃଦ୍ଧବେଗୈଃ ସଲିଳୈରନିର୍ମଳୈଃ

ସ୍ତ୍ରିୟଃ ସୁଦୁଷ୍ଟା ଇବ ଜାତ-ବିଭ୍ରମାଃ
ପ୍ରୟାନ୍ତି ନଦ୍ୟସ୍ତ୍ୱରିତଂ ପୟୋନିଧିମ୍ ॥

—ଅନୁବାଦ –

ପ୍ରବଳ ଅବିଳ ଜଳେ ତଟଦ୍ରୁମମାନ ଟଳେ
ବିଭ୍ରମ ଜନନେ ଯଥା କୁଳଟା ନାରୀ,
ସାଗରେ ତଟିନୀଗଣ ବେଗେ କରନ୍ତି ଗମନ
ଅତିକ୍ରମି ବନ ଶୈଳ ଧାନ କିଆରି ।
ପ୍ରିୟେ ! ଜଳଧର ଧମୟ
ଜଳଚର ଜୀବେ ଦାନ କରେ ଅଭୟ ।୭।

( ଅଷ୍ଟମ )

ତୃଣୋତ୍କରୈରୁଦ୍‌ଗତ-କୋମଳାଙ୍କୁରୈଃ
ବିଚିତ୍ରନୀଳୈର୍ହରିଣୀମୁଖକ୍ଷତୈଃ ।

ବନାନି ବୈନ୍ଧ୍ୟାନି ହରନ୍ତି ମାନସମ୍
ବିଭୂଷିତାନ୍ୟୁଦ୍‌ଗତପଲ୍ଲବୈର୍ଦ୍ରୁମୈଃ ।

—ଅନୁବାଦ –

ହରିଣୀ-ମୁଖ-ବିକ୍ଷତ ତୃଣଜାଲେ ଅବିରତ
ସୁନୀଳ କୋମଳାଙ୍କୁରେ ରାଜେ ଆବର,
ବିନ୍ଧ୍ୟବନ ଭୂମିମାନ ହରେ ମାନସ ଅମ୍ଳାନ
ପଲ୍ଲବିତ ଦ୍ରୁମେ ତଥା ବନ ସୁନ୍ଦର ।
ପ୍ରିୟେ ! ଜଳଧର ସମୟ
ଜଳଚରଜୀବେ ଦାନ କରେ ଅଭୟ ।୮।

( ନବମ )

ବିଲୋଳ-ନେତ୍ରୋତ୍ପଳ-ଶୋଭିତାନନୈଃ
ମୃଗୈଃ ସମନ୍ତାତ୍ ଉପଜାତ ସାଧ୍ୱସୈଃ ।

ସମାଚିତା ସୈକତିନୀ ବନସ୍ଥଳୀ
ସମୁତ୍ସୁକତ୍ୱଂ ପ୍ରକରୋତି ଚେତସଃ ॥

—ଅନୁବାଦ—

ଚଳ ନେତ୍ରପଦ୍ମ ଯା'ର ଶୋଭେ ବଦନ ସା'ର
ଉପଜାତ ଭୟେ ସେହି ମୃଗ ନିକଟ,
ବନଭୂମି ବାଲୁକାରେ ବ୍ୟାପିରହି ଧାତକାନ୍ତର
ମାନସେ ଉତ୍କଣ୍ଠା ଆଣିଥାନ୍ତି ଜନର ।
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ ।୯।

( ଦଶମ )

ଅଭୀକ୍ଷ୍ଣ ମୁଚ୍ଚୈର୍ଧ୍ୱନତା ପୟୋମୁଚା
ଘନାନ୍ଧକାରୀକୃତଶର୍ବରୀଷ୍ୱପି ।

ତଡ଼ିତ୍ ପ୍ରଭାଦର୍ଶିତ ମାର୍ଗଭୂମୟଃ
ପ୍ରୟାନ୍ତି ରାଗାଦଭିସାରିକାଃ ସ୍ତ୍ରିୟଃ ॥ (୧)

—ଅନୁବାଦ—

ଘନ ଅନ୍ଧାର ରଜନୀରେ ଘନ ଗର୍ଜନ ଧ୍ୱନିରେ
ପ୍ରିୟ ପାଶେ ଯାନ୍ତି ମଧ୍ୟ ଅନୁରାଗରେ,
ପଥ ବିଜୁଳି ଆଲୋକେ ଅଭିସାରିକାଏ ଥୋକେ
ନ ମାନି ପ୍ରତିବନ୍ଧକ ମହା ମୋଦରେ ।
ପ୍ରିୟେ ! ଜଳଧର ସମୟ
ଜଳଚର ଜୀବେ ଦାନ କରେ ଅଭୟ ।୧୦।

---

(୧) ଅଭିସାରୟତେ କାନ୍ତଂ ଯା ମନ୍ମଥ ବଶମ୍ବଦା
ସ୍ୱୟଂ ବାଭିସରତ୍ୟେଷା ଧୀରୈରୁକ୍ତାଭିସାରିକା ।

(ଏକାଦଶ)

ପୟୋଧରୈ ର୍ଭୀମଗଭୀର-ନିସ୍ୱନୈ
ସ୍ତଡ଼ିଦ୍ଭି ରୁଦ୍‌ବେଜିତଚେତସୋ ଭୃଶମ୍,

କୃତାପରାଧାନପି ଯୋଷିତଃ ପ୍ରିୟାନ୍
ପରିଷ୍ୱଜନ୍ତେ ଶୟନେ ନିରନ୍ତରମ୍ ।।

—ଅନୁବାଦ—

ଜଳଦ ଭୀଷଣ ରବେ    ଚପଳା-ଛଟକେ ସବେ
ଭୟେ ବିଚଳିତ ହୋଇ ଅଙ୍ଗନାଗଣେ
ହେଲେ ମଧ୍ୟ ପ୍ରିୟ ଦୋଷୀ    ଆଲିଙ୍ଗନେ ତାଙ୍କୁ ତୋଷି
ସମ୍ଭୋଗରେ ରତ ଥାନ୍ତି ରମ୍ୟ ଶୟନେ ।
ପ୍ରିୟେ ! ଜଳଧର ସମୟ
ଜଳଚର ଜୀବେ ଦାନ କରେ ଅଭୟ । ୧୧ ।

(ଦ୍ୱାଦଶ)

ବିଲୋଚନେନ୍ଦୀବର-ବାରିବିନ୍ଦୁଭିଃ
ନିଷିକ୍ତବିମ୍ବାଧର ଚାରୁପଲ୍ଲବାଃ

ନିରସ୍ତମାଲ୍ୟାଭରଣାନୁଲେପନାଃ
ସ୍ଥିତା ନିରାଶାଃ ପ୍ରମଦାଃ ପ୍ରବାସିନାମ୍ ।।

—ଅନୁବାଦ—

ନୟନକମଳ ଜଳେ    ତିନ୍ତିଲ ନିରନ୍ତେ ବଳେ
ବାଳାର ସୁନ୍ଦର ବିମ୍ବାଧର-ପଲ୍ଲବ ।
ତେଜି ମାଲ୍ୟ ଆଭରଣ    ଆବର ଅନୁଲେପନ
ପ୍ରୋଷିତଧବା (କ) ନିରାଶେ ହେଲେ ନୀରବ,
ପ୍ରିୟେ ! ଜଳଧର ସମୟ
ଜଳଚରଜନେ ଦାନ କରେ ଅଭୟ । ୧୨ ।

---

କ—ନାନାକାର୍ଯ୍ୟବଶାଦ୍ ଯସ୍ୟାଃ ଦୂରଦେଶଂ ଗତଃ ପତିଃ ।
ସା ମନୋଭବଦୁଃଖାର୍ତ୍ତା ଭବେତ୍ ପ୍ରୋଷିତଭର୍ତ୍ତୃକା ।।

### ତ୍ରୟୋଦଶ

ବିପାଣ୍ଡୁରଂ କୀଟରଜସ୍ତୃଣାନ୍ୱିତଂ
ଭୁଜଙ୍ଗବଦ୍ ବକ୍ରଗତି-ପ୍ରସର୍ପିତମ୍

ସମାଧ୍ୱସୈଃ ଭେକକୁଳୈଃ ନିରୀକ୍ଷିତଂ
ପ୍ରୟାତି ନିମ୍ନାଭିମୁଖଂ ନବୋଦକମ୍ ।।

—ଅନୁବାଦ—

ଭୂମି ପରଶେ ସଲିଳ      ହୋଇ ଅତ୍ୟନ୍ତ ଆବିଳ
କୀଟରଜ ତୃଣଜାଳ ଧରି ପ୍ରଚୁର
ସର୍ପିଳ ଗମନେ ଖରେ      ନିମ୍ନେ ଚଳେ ସମାଦରେ
ସର୍ପେ ହେର ଭୟେ କାହିଁ ରହେ ଦର୍ଦୁର ।।
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ ।୧୩।

### ଚତୁର୍ଦ୍ଦଶ

ବିପନ୍ନ-ପୁଷ୍ପାଂ ନଳିନୀଂ ସମୁତ୍ସୁକାଃ
ବିହାୟ ଭୃଙ୍ଗାଃ ଶ୍ରୁତିହାରିନିଃସ୍ୱନାଃ

ପତନ୍ତି ମୂଢ଼ାଃ ଶିଖିନାଂ ପ୍ରନୃତ୍ୟତାମ୍
କଳାପ ଚକ୍ରେଷୁ ନବୋତ୍ପଳାଶୟା ।।

—ଅନୁବାଦ—

ତେଜି ବିପନ୍ନ କମଳେ      ଉତ୍ସୁକେ ଭ୍ରମର ଦଳେ
ମଧୁର ଗୁଞ୍ଜନେ ମୂଢ଼େ ଢଳନ୍ତି ଯାଇଁ
ନୃତ୍ୟରତ କଳାପୀର      କଳାପେ ହୋଇ ଅଧୀର
ନବ କମଳ ଆଶାରେ ଭ୍ରମରେ ଧାଇଁ ।।
ପ୍ରିୟେ ! ଜଳଧର ସମୟ
ଜଳଚର-ଜୀବେ ଦାନ କରେ ଅଭୟ ।୧୪।

## ଦ୍ୱିତୀୟ ସର୍ଗ

( ପଞ୍ଚଦଶ )

ବନଦ୍ୱିପାନାଂ ନବବାରିଦସ୍ୱନୈ
ର୍ମଦାନ୍ୱିତାନାଂ ଧ୍ୱନତାଂ ମୁହୁର୍ମୁହୁଃ

କପୋଲଦେଶା ବିମଲୋତ୍ପଲପ୍ରଭାଃ
ସଭୃଙ୍ଗଯୂଥୈର୍ମଦବାରିଭିଃ ଶ୍ରିତାଃ ॥

—ଅନୁବାଦ—

ନବବାରିଦ ନିସ୍ୱନେ    ଗରଜନ୍ତି ଗଜେ ବନେ
ମଦଜଳେ ଶୋଭେ ତାଙ୍କ କପୋଳଦେଶ
ବିମଳ କମଳ ସମ    ଦିଶେ ତାହା ଅନୁପମ
ତହିଁ ରତ ମଧୁପାନେ ଭୃଙ୍ଗ ଅଶେଷ ।
ପ୍ରିୟେ ! ଜଳଧର ସମୟ,
ଜଳଚର-ଜୀବେ ଦାନ କରେ ଅଭୟ । ୧୫ ।

( ଷୋଡ଼ଶ )

ସିତୋତ୍ପଲାଭାମ୍ବୁଦଚୁମ୍ବିତୋପଳାଃ
ସମାଚିତାଃ ପ୍ରସ୍ରବଣୈଃ ସମନ୍ତତଃ

ପ୍ରବୃତ୍ତନୃତ୍ୟୈଃ ଶିଖିଭିଃ ସମାକୁଳାଃ
ସମୁତ୍ସୁକତ୍ୱଂ ଜନୟନ୍ତି ଭୂଧରାଃ

—ଅନୁବାଦ—

ସିତୋତ୍ପଳ କାନ୍ତି ଧରି    ମେଘେ ଚୁମ୍ବନ୍ତି ଶିଖରୀ
ବ୍ୟାପିଛନ୍ତି ସେ ପରବତ ନିର୍ଝରଗଣେ
କେକାନୃତ୍ୟେ ନଗଗଣ    ସମାକୁଳ ଅନୁକ୍ଷଣ
ଉତ୍ସୁକ ଜନ୍ମାଏ ତାହା ଦର୍ଶକ ମନେ ।
ପ୍ରିୟେ ! ଜଳଧର-ସମୟ
ଜଳଚର ଜୀବେ ଦାନ କରେ ଅଭୟ । ୧୬ ।

( ସପ୍ତଦଶ )

କଦମ୍ବ-ସର୍ଜ୍ଜାର୍ଜ୍ଜୁନ-କେତକୀବନମ୍
ପ୍ରକମ୍ପୟଂସ୍ତତ୍ କୁସୁମାଧିବାସିତଃ
ଶଶୀକରାମ୍ଭୋଧର ସଙ୍ଗଶୀତଳଃ
ସମୀରଣଃ କଂ ନ କରୋତ ସୋତ୍ସୁକମ୍ ।

( ଅନୁବାଦ )

କଦମ୍ବ ସର୍ଜ ଅର୍ଜ୍ଜୁନେ ଆବର କେତକୀବନେ
କମ୍ପାଇ ତାର କୁସୁମେ ହୋଇ ବାସିତ
ସଶୀକର ଜଳଧର ସଂସର୍ଗେ ହୋଇ ଶୀତଳ
କାରେ ନ କରେ ଉତ୍ସୁକ ବାୟୁ ଭଣତ ?
ପ୍ରିୟେ ! ଜଳଧର ସମୟ,
ଜଳଚର ଜୀବେ ଦାନ କରେ ଅଭୟ । ୧୭ ।

(ଅଷ୍ଟାଦଶ)

ଶିରୋରୁହୈଃ ଶ୍ରୋଣିତଟାବଲମ୍ବିଭିଃ
କୃତାବତଂସୈଃ କୁସୁମୈଃ ସୁଗନ୍ଧିଭିଃ
ସ୍ତନୈଃ ସହାରୈଃ ବଦନୈଃ ସଶୀଧୁଭିଃ
ସ୍ତ୍ରିୟୋରତିଂ ସଞ୍ଜନୟନ୍ତି କାମିନାମ୍

—ଅନୁବାଦ—

ନିତମ୍ବଲମ୍ବି-ଚିକୁରେ ଶିରୋଭୂଷଣେ ମଧୁରେ
ଆବର ବାସିତ ପୁଷ୍ପେ କାମିନୀଗଣ
ହାରସହ ଉରଜରେ ନିଜର ମୁଖ ମଦ୍ୟରେ
କରଥାନ୍ତି କାମୀଙ୍କର କାମଦୀପନ ।
ପ୍ରିୟେ ! ଜଳଧର ସମୟ
ଜଳଚର-ଜୀବେ ଦାନ କରେ ଅଭୟ । ୧୮ ।

( ଊନବିଂଶ )

ତଡ଼ିଲ୍ଲତା ଶକ୍ରଧନୁ ର୍ବିଭୂଷିତା
ପୟୋଧରାସ୍ତୋୟଭରାବଲମ୍ବିନଃ
ସ୍ତ୍ରିୟଶ୍ଚ କାଞ୍ଚୀ-ମଣିକୁଣ୍ଡଳୋଜ୍ଜ୍ୱଳା
ହରନ୍ତି ଚେତୋ ଯୁଗପତ୍ ପ୍ରବାସିନାମ୍

—ଅନୁବାଦ—

ଜଳଭରା ମେଘମାନ ବିଜୁଳିରେ ଶୋଭମାନ
ଶକ୍ର ଶରାସନ ବରାଙ୍ଗନା ଆବର
ମଣି-କୁଣ୍ଡଳ ଉଜ୍ଜ୍ୱଳ ରଶନାଦାମ ସୁଢଳ
ହରନ୍ତି ଏକାଳେ ମନ ପ୍ରବାସୀଙ୍କର
ପ୍ରିୟେ ! ଜଳଧର ସମୟ
ଜଳଚର ଜୀବେ ଦାନ କରେ ଅଭୟ । ୧୯ ।

( ବିଂଶ )

ମାଳାଃ କଦମ୍ବ-ନବକେଶର-କେତକୀଭିः
ଆୟୋଜିତାଃ ଶିରସି ବିଭ୍ରତି ଯୋଷିତୋଽଦ୍ୟ
କର୍ଣ୍ଣାନ୍ତରେଷୁ କୁଟଜ-ଦ୍ରୁମମଞ୍ଜରୀଭିଃ
ଇଚ୍ଛାନୁକୂଳରଚିତାନବତଂସକାଂଶ୍ଚ ॥

( ଅନୁବାଦ )

କଦମ୍ବ ନାଗକେଶର କେତକୀରେ ମନୋହର
ରଚିତମାଳାରେ ଶିର ସାଜେ ବାମାର
କର୍ଣ୍ଣେ କୁଟଜ-ମଞ୍ଜରୀ ପିନ୍ଧେ କା କେଉଁ ସୁନ୍ଦରୀ
ଇଚ୍ଛାନୁରୂପେ ରଚିତ ଭୂଷଣସାର ॥
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ । ୨୦ ।

( ଏକବିଂଶ )

କାଳାଗୁରୁ-ପ୍ରଚୁର ଚନ୍ଦନ-ଚର୍ଚ୍ଚିତାଙ୍ଗ୍ୟଃ
ପୁଷ୍ପାବତଂସ-ସୁରଭୀକୃତକେଶପାଶାଃ
ଶ୍ରୁତ୍ୱା ଧ୍ୱନିଂ ଜଳମୁଚାଂ ତ୍ୱରିତଂ ପ୍ରଦୋଷେ
ଶଯ୍ୟାଗୃହଂ ଗୁରୁଗୃହାତ୍ ପ୍ରବିଶନ୍ତି ନାର୍ଯ୍ୟଃ ।।

—ଅନୁବାଦ—

କାଳାଗୁରୁଚନ୍ଦନରେ ଲେପି ଅଙ୍ଗାବଳି କରେ
ପୁଷ୍ପଭୂଷାରେ କେଶକୁ କରି ବାସିତ
ଜଳଦ ଧ୍ୱନି ଶ୍ରବଣେ ରମଣୀଗଣେ ସୁମନେ
ପ୍ରଦୋଷେ ଶୟନ ଗୃହେ ଯାନ୍ତି ତ୍ୱରିତ
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନକରେ ଅଭୟ । ୨୧ ।

( ଦ୍ୱାବିଂଶ )

କୁବଳୟ-ଦଳନୀଳୈ ରୁନ୍ନତୈ ସ୍ତୋୟନମ୍ରୈଃ
ମୃଦୁପବନବିଧୂତୈଃ ମନ୍ଦଂ ମନ୍ଦଂ ଚଳଦ୍ଭିଃ
ଅପହୃତ ମିବ ଚେତଃ ତୋୟଦୈଃ ସେନ୍ଦ୍ରଗୋପୈଃ
ପଥିକଜନବଧୂନାଂ ତଦ୍‌ବିୟୋଗାକୁଳାନାମ୍ ।।

—ଅନୁବାଦ—

ନୀଳକୁବଳୟ ସମ ଇନ୍ଦ୍ରଗୋପେ ମନୋରମ
ମୃଦୁ ପବନେ କମ୍ପିତ ଜଳଦମାଳ
ଧବ ବିଚ୍ଛେଦଚିନ୍ତିତ ପଥିକରମଣୀଚିତ୍ତ
ଅପହରେ ବାରମ୍ବାର ଘନ ବିଶାଳ
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ ! ୨୨ ।

( ତ୍ରୟୋବିଂଶ )

ମୁଦତ ଇବ କଦମ୍ବୈ ର୍ଜାତପୁଷ୍ପୈଃ ସମନ୍ତାତ୍
ପବନଚଳିତଶାଖୈଃ ଶାଖିଭିଃ ନୃତ୍ୟତୀବ
ହସିତମିବ ବିଧତ୍ତେ ସୂଚିଭିଃ କେତକୀନାମ୍
ନବସଲିଲ-ନିଷେକ-ଚ୍ଛିନ୍ନତାପୋବନାନ୍ତଃ ॥

—ଅନୁବାଦ—

ଫୁଲ୍ଲ ନୀପ ସୁମନରେ ଶୋଭେ ବନାନ୍ତ ମୋଦରେ
ବାୟୁ କମ୍ପିତ ଶାଖାରେ ଥାଏ ନର୍ତ୍ତନେ
ନବସଲିଲ ସେଚନେ ଆତପତାପଚ୍ଛେଦନେ
ଘେନେ କେତକୀ କୁସୁମ ହାସ ଧାରଣେ ।
ପ୍ରିୟେ ! ଜଳଧର-ସମୟ ।
ଜଳଚର ଜୀବେ ଦାନ କରେ ଅଭୟ । ୨୩ ।

( ଚତୁର୍ବିଂଶ )

ଶିରସି ବକୁଳମାଳାଂ ମାଳତୀଭିଃ ସମେତାମ୍
ବିକସିତ ନବପୁଷ୍ପୈ ର୍ଯୂଥିକା-କୁଡ୍ମଳୈଶ୍ଚ
ବିକଚନବ କଦମ୍ବୈଃ କର୍ଣ୍ଣପୂରଂ ବଧୂନାଂ
ରଚୟତି ଜଳଦୌଘଃ କାନ୍ତବତ୍ କାଳ ଏଷଃ ॥

—ଅନୁବାଦ—

କାନ୍ତସମ ଘନକାଳ ମାଳତୀ କୁସୁମମାଳ
ରଚେ ଯୂଥିକାକୁଡ୍ମଳେ ଭୂଷା ଅପର
ଫୁଲ୍ଲ ନବ କଦମ୍ବରେ କର୍ଣ୍ଣପୂର ମୋଦଭରେ
ନବବଧୂ ପାଇଁ ଗୁନ୍ଥେ ହେତୁ ଆଦର ।
ପ୍ରିୟେ ! ଜଳଧର ସମୟ,
ଜଳଚର ଜୀବେ ଦାନ କରେଅଭୟ । ୨୪ ।

( ପଞ୍ଚବଂଶ )

ଦଧତି ବରକୁଚାଗ୍ରୈ ରୁନ୍ନତୈ ର୍ହାରଯଷ୍ଟିଂ
ପ୍ରତନୁସିତଦୁକୂଳାନ୍ୟାୟତୈଃ ଶ୍ରୋଣିବିମ୍ବୈଃ ।
ନବଜଳକଣ ସେକାଦୁଦ୍‌ଗତାଂ ରୋମରାଜିଂ
ଲଳିତ-ବଳିବିଭଙ୍ଗୈ ର୍ମଧ୍ୟଦେଶୈଶ୍ଚ ନାର୍ଯ୍ୟଃ ॥

—ଅନୁବାଦ—

ବାମାଗଣେ ପୟୋଧରେ ପିନ୍ଧନ୍ତି ହାର ମୋଦରେ
ବିଶାଳ ନିତମ୍ବେ ସୂକ୍ଷ୍ମ ସିତ ଦୁକୂଳ
ଜାଗେ ତାଙ୍କ ରୋମରାଜି ନବ-ଜଳସେକେ ଆଜି
ମୃଦୁ ତ୍ରିବଳୀରେ ମଧ୍ୟଦେଶ ଅତୁଳ
ପ୍ରିୟେ ! ଜଳଧର ସମୟ ।
ଜଗତର ଜୀବେ ଦାନ କରେ ଅଭୟ । ୧୫ ।

( ଷଡ଼୍‌ବଂଶ )

ନବଜଳକଣ ସଙ୍ଗାଚ୍ଛୀତତା-ମାଦଧାନଃ
କୁସୁମଭର-ଲତାନାଂ ଲାସକଃ ପାଦପାନାମ୍ ।
ଜନିତରୁଚିର ଗନ୍ଧଃ କେତକୀନାଂ ରଜୋଭିଃ
ପରିହରତି ନଭସ୍ୱାନ୍ ପ୍ରୋଷିତାନାଂ ମନାଂସି ॥

—ଅନୁବାଦ—

ଜଳକଣା-ସଂସର୍ଗରେ ଶୀତଳତା ଯେହୁ ଧରେ
ପୁଷ୍ପଭରା ବୃକ୍ଷଙ୍କର ଯେ ବା ନର୍ତ୍ତକ
କେତକୀ କୁସୁମ ବାସେ ସେ ପବନ ମହୋଲ୍ଲାସେ
ହରେ ପ୍ରବାସୀର ମନ, ଜଗାଏ ଦୁଖ ।
ପ୍ରିୟେ ! ଜଳଧର ସମୟ
ଜଗତର ଜୀବେ ଦାନ କରେ ଅଭୟ । ୧୬ ।

( ସପ୍ତବିଂଶ )

ଜଲଭର ନନତାନା ମାଶ୍ରୟୋଽସ୍ମାକମୁଚ୍ଚୈ
ରୟମିତି ଜଲସେକୈ ସ୍ତୋୟଦାସ୍ତୋୟନମ୍ରାଃ ।
ଅତିଶୟ-ପରୁଷାଭି ର୍ଗ୍ରୀଷ୍ମ-ବହ୍ନେଃ ଶିଖାଭିଃ
ସମୁପଜନିତ ତାପଂ ହ୍ଲାଦୟତୀବ ବିନ୍ଧ୍ୟମ୍ ॥

—ଅନୁବାଦ—

ଜଳଭରାନତ-ଘନେ ଭାବନ୍ତି ବିନ୍ଧ୍ୟ-ଦର୍ଶନେ
ଆଶ୍ରିତ ଆମ୍ଭର ଏହୁ, ତେଣୁ ଗଗନେ ।
ନିଷ୍ଠୁର ଗ୍ରୀଷ୍ମବହ୍ନିର ତାପେ ସନ୍ତପ୍ତ ଗିରିର
ଜନ୍ମାଇ ଆନ୍ତି ଆନନ୍ଦ ଜଳସେଚନେ ॥
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ । ୨୭ ।

( ଅଷ୍ଟାବିଂଶ )

ବହୁଗୁଣ-ରମଣୀୟଃ କାମିନୀ-ଚିତ୍ତ-ହାରୀ
ତରୁବିଟପ-ଲତାନାଂ ବାନ୍ଧବୋ ନିର୍ବିକାରଃ
ଜଲଦସମୟ ଏଷ ପ୍ରାଣିନାଂ ପ୍ରାଣଭୂତୋ
ଦଶତୁ ତବହିତାନ ପ୍ରାୟଶୋ ବାଞ୍ଛିତାନ ॥

( ଅନୁବାଦ )

ବହୁଗୁଣରେ ସୁନ୍ଦର କାମିନୀ-ମାନସହର
ତରୁଲତାର ବାନ୍ଧବ ବର୍ଷା-ସମୟ ।
ପ୍ରାଣୀଙ୍କର ସେହୁ ପ୍ରାଣ କରୁ ଜଗତକଲ୍ୟାଣ
ବାଞ୍ଛିତ ଫଳ ପ୍ରଦାନେ ହୋଇ ସଦୟ ॥
ପ୍ରିୟେ ! ଜଳଧର ସମୟ ।
ଜଳଚର ଜୀବେ ଦାନ କରେ ଅଭୟ । ୨୮ ।

### ତୃତୀୟ ସର୍ଗ

# ଶରତ୍

( ପ୍ରଥମ )

କାଶାଂଶୁକା ବିକଚପଦ୍ମ-ମନୋଜ୍ଞବକ୍ତ୍ରା
ସୋନ୍ମାଦ-ହଂସରବନୂପୁରନାଦରମ୍ୟା
ଆପକ୍ୱଶାଳି ରୁଚିରା ନତଗାତ୍ରୟଷ୍ଟିଃ
ପ୍ରାପ୍ତା ଶରନ୍ନବବଧୂରିବ ରୂପରମ୍ୟା ।।

—ଅନୁବାଦ—

ପିନ୍ଧି କାଶାଂଶୁକ ରମ୍ୟା    ଶରନ୍ନବବଧୂସମା
ବିକଚ-ପଦ୍ମ-ରୁଚିର-ବଦନା ରାଜେ ।
କଳହଂସରବ ଯାଇ    ନୂପୁରଧ୍ୱନି ସମ୍ଭାଇ
ଶାଳିକ୍ଷେତ୍ର ମନୋରମ ଶଯ୍ୟାରେ ସାଜେ ।।
ପ୍ରିୟେ ! ଏହି ରୂପମାଧୁରୀ ।
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧ ।

( ଦ୍ୱିତୀୟ )

କାଶୈର୍ମହୀ ଶିଶିରଦୀଧିତିନା ରଜନ୍ୟୋ
ହଂସୈର୍ଜଳାନି ସରିତାଂ କୁମୁଦୈଃ ସରାଂସି
ସପ୍ତଚ୍ଛଦୈଃ କୁସୁମଭାରନତୈର୍ବନାନ୍ତାଃ
ଶୁକ୍ଳୀକୃତାନ୍ୟୁପବନାନି ଚ ମାଳତୀଭିଃ ।।

—ଅନୁବାଦ—

କାଶଶ୍ରେଣୀରେ ଅବନୀ    ଚନ୍ଦ୍ରରଶ୍ମିରେ ରଜନୀ
ହଂସେ ନଦୀ କୁମୁଦରେ ରାଜେ ପଲ୍ୱଲ ।
ସପ୍ତଛଦ ସୁମନରେ    ଶୋଭେ ବନ ମନୋହରେ
ମାଳତୀରେ ଦିଶେ ଉପବନ ଧବଳ ।।
ପ୍ରିୟେ ! ଏହି ରୂପମାଧୁରୀ ।
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୨ ।

( ତୃତୀୟ )

ଚଞ୍ଚନ୍ମନୋଜ୍ଞ-ଶଫରୀ ରସନାକଳାପାଃ
ପର୍ଯ୍ୟନ୍ତସଂସ୍ଥିତ-ସିତାଣ୍ଡଜପଂକ୍ତିହାରାଃ ।
ନଦ୍ୟୋ ବଶାଳପୁଳନାନ୍ତ-ନତମ୍ବବମ୍ବା
ମନ୍ଦଂ ପ୍ରୟାନ୍ତ ସମଦାଃ ପ୍ରମଦା ଇବାଦ୍ୟ ॥

—ଅନୁବାଦ—

ବଳେଲ ଶଫରୀଦଳ        ଯାର ରସନା ସୁଚଳ
ହଂସମାଳା-ମୁକ୍ତାହାରେ ଶୋଭେ ସୁନ୍ଦରେ
ମହାପୁଳନ-ନିତମ୍ବେ        ସ୍ରୋତସ୍ୱିନୀ-ଗଣ ମନ୍ଦେ
ସମଦା ପ୍ରମଦା-ସମ ଚଳନ୍ତି ଭଲେ ।
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୩ ।

( ଚତୁର୍ଥ )

ବ୍ୟୋମ କ୍ୱଚିଦ୍ରଜତ-ଶଙ୍ଖମୃଣାଳଗୌରୈ-
ସ୍ତ୍ୟକ୍ତାମ୍ବୁଭି ର୍ଲଘୁତରା ଶତଶଃ ପ୍ରୟାତୈଃ ।
ସଂଲକ୍ଷ୍ୟତେ ପବନବେଗଚଳୈଃ ପୟୋଦୈଃ
ରାଜେବ ଚାମରବରୈ ରୁପବୀଜ୍ୟମାନଃ ॥

—ଅନୁବାଦ—

ଯେହ୍ନେ ଚାମର ବ୍ୟଜନେ        ରାଜନ୍ତି ରାଜନ୍ୟ-ଗଣେ
ରଜତଶଙ୍ଖ ମୃଣାଳ ଧବଳେ, ତେହ୍ନେ
ଗତିଶୀଳ ଲଘୁତରେ        ଶତଶୁଭ୍ର ଜଳଧରେ
ଶୋଭେ ଶରଦେ ଗଗନ ଏବେ ପ୍ରସନ୍ନେ ।
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଅନନ୍ଦେ ହୃଦୟ ଉଠିବ ପୂରି । ୪ ।

( ପଞ୍ଚମ )

ଭିନ୍ନାଞ୍ଜନ ପ୍ରଚୟକାନ୍ତି ନଭୋ ମନୋଜ୍ଞମ୍
ବନ୍ଧୁକପୁଷ୍ପ-ରଚିତାରୁଣତା ଚ ଭୂମିଃ ।
ବପ୍ରାଶ୍ଚ ପକ୍ୱକଳମାବୃତ-ଭୂମିଭାଗାଃ
ପ୍ରୋତ୍କଣ୍ଠୟନ୍ତି ନ ମନୋ ଭୁବି କସ୍ୟ ଯୂନଃ ॥

—ଅନୁବାଦ—

ଦଳିତକଜ୍ଜ୍ୱଳ ସମ ନଭ ଅତି ମନୋରମ
ବନ୍ଧୁଲି କୁସୁମ-ରାଗାରୁଣା ଧରଣୀ
ପକ୍ୱଧାନ୍ୟେ ଆଚ୍ଛାଦିତ ଦିଶେ କେଦାର ଶୋଭିତ
ଉତ୍କଣ୍ଠିତ ନୋହେ କେ ବା ଦେଖି ଅବନୀ ।
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୫ ।

( ଷଷ୍ଠ )

ମନ୍ଦାନିଳାକୁଳିତ-ଚାରୁତରାଗ୍ରଶାଖଃ
ପୁଷ୍ପୋଦ୍‌ଗମପ୍ରଚୟ-କୋମଳ-ପଲ୍ଲବାଗ୍ରଃ ।
ମତ୍ତ ଦ୍ୱିରେଫପରିପୀତ-ମଧୁପ୍ରସେକ-
ଶ୍ଚିତ୍ତଂ ବିଦାରୟତି କସ୍ୟ ନ କୋବିଦାରଃ ॥

—ଅନୁବାଦ—

ମନ୍ଦାନିଳେ ମନ୍ଦାରର ଶାଖାଗ୍ର ସୁମନୋହର
ପୁଷ୍ପୋଦ୍‌ଗମେ ପଲ୍ଲବାଗ୍ର ଦିଶେ ସୁଢଳ
ଭୃଙ୍ଗ କରେ ମଧୁପାନ ନିରେଖି ଏ ଦୃଶ୍ୟମାନ
ନୋହେ ଚିତ୍ତ ବା କାହାର ମୋଦେ ବିହ୍ୱଳ ।
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୬ ।

( ସପ୍ତମ )

ତାରାଗଣ-ପ୍ରବର-ଭୂଷଣ-ମୁଦ୍ବହନ୍ତୀ
ମେଘାବରୋଧା-ପରିମୁକ୍ତ-ଶଶାଙ୍କବକ୍ତ୍ରା ।
ଜ୍ୟୋତ୍ସ୍ନାଦୁକୂଳମମଳଂ ରଜନୀ ଦଧାନା
ବୃଦ୍ଧିଂ ପ୍ରୟାତ୍ୟନୁଦିନଂ ପ୍ରମଦେବ ବାଳା ॥

— ଅନୁବାଦ —

ପିନ୍ଧି ନକ୍ଷତ୍ରଭୂଷଣ ଜ୍ୟୋତ୍ସ୍ନା-ଦୁକୂଳ-ବସନ
ଘନମୁକ୍ତ ଚନ୍ଦ୍ରାନନା ଆଜ ରଜନୀ ।
ବାଳା ପ୍ରମଦା ଯେସନ ଦିନକୁ ଦିନ ତେସନ
କ୍ରମେ ବଢ଼ି ଉଠେ ଏବେ ନିଶା-ସଜନୀ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୭ ।

( ଅଷ୍ଟମ )

କାରଣ୍ଡବାନନ-ବିଘଟ୍ଟିତ-ବୀଚିମାଳାଃ
କାଦମ୍ବ-ସାରସକୁଳାକୁଳ-ତୀରଦେଶାଃ ।
କୁର୍ବନ୍ତି ହଂସବିରୁତୈଃ ପରିତୋ ଜନସ୍ୟ
ପ୍ରୀତିଂ ପରାଂ କମଳରେଣୁବୃତାସ୍ତଟିନ୍ୟଃ ॥

( ଅନୁବାଦ )

କାରଣ୍ଡବେ ବୀଚିମାଳେ ରହି ନାଚନ୍ତି ଏକାଳେ
ହଂସ ସାରସରେ ବ୍ୟଗ୍ର ସତତ ତୀର ।
ଖଗରବ ମୋଦ ଆଣେ ଏଥି ଦର୍ଶକ ପରାଣେ
ପଦ୍ମରେଣୁରେ ଆବୃତ ତଟିନୀ ନୀର ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୮ ।

( ନବମ )

ନେତ୍ରୋତ୍ସବୋ ହୃଦୟହାରି-ମରୀଚିମାଳଃ
ପ୍ରହ୍ଲାଦକଃ ଶିଶିର ଶୀକର-ବାରିବର୍ଷୀ ।
ପତ୍ୟୁର୍ବିୟୋଗ-ବିଷଦଗ୍ଧ-ଶରକ୍ଷତାନାମ୍
ଚନ୍ଦ୍ରୋ ଦହତ୍ୟ-ତିତରାଂ ତନୁମଙ୍ଗନାନାମ୍ ॥

—ଅନୁବାଦ—

ନେତ୍ରୋତ୍ସବ ମନୋହର          ଯାର କିରଣନିକର
ହେଲେ ମଧ୍ୟ ଆମୋଦକ ସେ ସୁଧାକର ।
ପତିବିଚ୍ଛେଦ ଅନଳେ          ଅଙ୍ଗନାତନୁକୁ ବଳେ
କରେ ଦଗ୍ଧ ବାରମ୍ବାର ହୋଇ ପ୍ରଖର ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୯ ।

( ଦଶମ )

ଆକମ୍ପୟନ୍ ଫଳଭରାନତ-ଶାଳିଜାଳା—
ନ୍ୟାନର୍ତ୍ତୟଂସ୍ତରୁବରାନ୍ କୁସୁମାବନମ୍ରାନ୍ ।
ପ୍ରୋତ୍ଫୁଲ୍ଲ-ପଙ୍କଜବନାଂ ନଳିନୀଂ ବିଧୁନ୍ୱନ୍
ଯୂନାଂ ମନଶ୍ଚଳୟତି ପ୍ରସଭଂ ନଭସ୍ୱାନ୍ ॥

— ଅନୁବାଦ—

କ୍ଷେତ୍ରେ ଫଳଭରାଧାନେ          କମ୍ପାଏ ଯେ ଧାନ୍ୟମାନେ
କୁସୁମବୃକ୍ଷେ ସେ ବାୟୁ ନଚାଏ କାହିଁ ।
ଦୁଲି ପଦ୍ମବନେ ପଶି          ଚଳାଏ ତାହାଙ୍କୁ ହସି
ଉଦ୍ଭ୍ରାନ୍ତ କରାଏ ଯୁବା ଅନ୍ତରେ ଥାଇ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୦ ।

( ଏକାଦଶ )

ସୋନ୍ମାଦ-ହଂସମିଥୁନୈ-ରୁପଶୋଭିତାନି
ସ୍ୱଚ୍ଛ-ପ୍ରଫୁଲ୍ଲ-କମଳୋତ୍ପଳଭୂଷିତାନି ।
ମନ୍ଦପ୍ରଭାତ ପବନୋଦ୍ଗତ-ବୀଚିମାଳା ନି
ନ୍ୟୁତ୍କଣ୍ଠୟନ୍ତି ସହସା ହୃଦୟଂ ସରାଂସି ॥

—ଅନୁବାଦ—

ହଂସମିଥୁନେ ଶୋଭିତ ଫୁଲ୍ଲକମଳେ ଭୂଷିତ
ମନ୍ଦ ପ୍ରଭାତ ପବନେ ଜାତତରଙ୍ଗେ ।
ଏବେ ସରୋବର ଗଣ କଲେ ଦର୍ଶକର ମନ
ହର ଉତ୍କଣ୍ଠିତ କରେ ତାହାଙ୍କୁ ରଙ୍ଗେ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୧୧ ।

( ଦ୍ୱାଦଶ )

ନଷ୍ଟଂ ଧନୁର୍ବଳଭିଦୋ ଜଳଦୋଦରେଷୁ
ସୌଦାମିନୀ ସ୍ଫୁରତି ନାଦ୍ୟ ବିୟତ୍ପତାକା ।
ଧୁନ୍ୱନ୍ତି ପକ୍ଷପବନୈର୍ନ ନଭୋ ବଳାକାଃ
ପଶ୍ୟନ୍ତି ନୋନ୍ନତମୁଖା ଗଗନଂ ମୟୂରଃ ॥

—ଅନୁବାଦ—

ମେଘୋଦରୁ ଇନ୍ଦ୍ରଧନୁ ଅଦୃଶ୍ୟ ଆଜ ଗଗନୁ
ବିଜୁଳି ଗଗନଧ୍ୱଜ ରୂପେ ନ ସ୍ଫୁରେ ।
ବଳାକା ପକ୍ଷପବନେ କମ୍ପାନ୍ତି ନାହିଁ ଗଗନେ
ହୁଅନ୍ତି ନାହିଁ ଉନ୍ନତମୁଖ ମୟୂରେ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୧୨ ।

( ତ୍ରୟୋଦଶ )

ନୃତ୍ୟପ୍ରୟୋଗରହିତାନ୍ ଶିଖିନୋ ବିହାୟ
ହଂସାନୁପୈତି ମଦନୋ ମଧୁରପ୍ରଗୀତାନ୍ ।
ମୁକ୍ତ୍ୱା କଦମ୍ବକୁଟଜାର୍ଜ୍ଜୁନ ସର୍ଜ୍ଜନୀପାନ୍
ସପ୍ତଚ୍ଛଦାନୁପଗତା କୁସୁମୋଦ୍‌ଗମଶ୍ରୀଃ ॥

—ଅନୁବାଦ—

ନୃତ୍ୟହୀନ କେକିଗଣେ ତେଜି, ହଂସମଧୁ ସ୍ୱନେ
ଆକୃଷ୍ଟ ହୋଇ ମଦନ ଗମେ ତା ପାଶେ ।
ଛାଡ଼ି ଅର୍ଜ୍ଜୁନ ନୀପରେ ସପ୍ତଚ୍ଛଦରେ ବହରେ
ପୁଷ୍ପୋଦ୍‌ଗମ-ଶ୍ରୀର ଆଜ ଏକାଳେ ହାସେ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୧୩ ।

( ଚତୁର୍ଦ୍ଦଶ )

ଶେଫାଳିକା-କୁସୁମଗନ୍ଧି-ମନୋହରାଣି
ସ୍ୱସ୍ଥସ୍ଥିତାଣ୍ଡଜକୁଳ ପ୍ରତିନାଦିତାନି ।
ପର୍ଯ୍ୟନ୍ତ-ସଂସ୍ଥିତମୃଗୀ-ନୟନୋତ୍ପଳାନି
ପ୍ରୋତ୍‌କଣ୍ଠୟନ୍ତ୍ୟୁପବନାନି ମନାଂସି ପୁଂସାମ୍ ॥

—ଅନୁବାଦ—

ଶେଫାଳି ପୁଷ୍ପସୌରଭ ରାଜହଂସ-ମଧୁରବ
ପାଶେ ବିରାଜେ ସୁରଭି ଉତ୍ପଳବନ ।
ଯୁବକମାନଙ୍କ ମନେ ଉତ୍ସୁକ ଜନ୍ମାଏଁ ଘନେ
ଏଣୁ ହେଲେ ରଜନୀରେ ଏ ଉପବନ ॥
ପ୍ରିୟେ ! ଏହି ରୂପମାଧୁରୀ ।
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୧୪ ।

( ପଞ୍ଚଦଶ )

କହ୍ଲାର-ପଦ୍ମ-କୁମୁଦାନି ମୁହୁର୍ବିଧୂନ୍ୱନ୍
ତତ୍ସଂସର୍ଗାଦଧିକ ଶୀତଳତାମୁପେତଃ ।
ଉତ୍କଣ୍ଠୟତ୍ୟତିତରାଂ ପବନଃ ପ୍ରଭାତେ
ପତ୍ରାନ୍ତଲଗ୍ନ-ତୁହିନାମ୍ବୁ-ବିଧୂୟମାନଃ ॥

—ଅନୁବାଦ—

ପଦ୍ମ କୁମୁଦ କହ୍ଲାର ପ୍ରକମ୍ପାଇ ବାରମ୍ବାର
ସଂସର୍ଗେ ତାର ଶୀତଳ ପ୍ରାତଃପବନ ।
ପତ୍ରାନ୍ତ ଲଗ୍ନ ଶୀକର— ଜାଲେ ହଲାଇ ସତ୍ୱର
ସୁବାସରେ ମୋହିନଏ ସବୁରି ମନ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୫ ।

( ଷୋଡ଼ଶ )

ସମ୍ପନ୍ନ-ଶାଳିନିଚୟାବୃତ ଭୂତଲାନି
ସ୍ୱସ୍ଥ-ସ୍ଥିତ-ପ୍ରଚୁରଗୋକୁଳ-ଶୋଭିତାନି ।
ହଂସୈଶ୍ଚ ସପାରସକୁଳୈଃ ପ୍ରତିନାଦିତାନି
ସୀମାନ୍ତରାଣି ଜନୟନ୍ତି ନୃଣାଂ ପ୍ରମୋଦମ୍ ॥

—ଅନୁବାଦ—

ଗ୍ରାମର ସୀମାନ୍ତ ଦେଶ ହୋଇଛି ରମ୍ୟ ଅଶେଷ
ଶାଳିକ୍ଷେତ୍ର ସମାବୃତା ଧରଣୀ ରାଣୀ ।
ସୁସ୍ଥ ଗୋକୁଳ ସମ୍ପଦେ ଶୋଭନ୍ତି ଗୋଷ୍ଠେ ଶରଦେ
ହଂସରବ ଦିଏ ମୋଦ ମନକୁ ଜାଣି ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୬ ।

( ସପ୍ତଦଶ )

ହଂସୈର୍ଜିତା ସୁଲଳତା ଗତ ରଙ୍ଗନାନା—
ମମ୍ଭୋରୁହୈର୍ବିକସିତୈର୍ମୁଖଚନ୍ଦ୍ରକାନ୍ତିଃ ।
ନୀଳୋତ୍ପଳୈର୍ମଦକଳାନି ବିଲୋକିତାନି
ଭ୍ରୂବିଭ୍ରମାଶ୍ଚ ରୁଚିରାସ୍ତନୁଭିସ୍ତରଙ୍ଗୈଃ ॥

—ଅନୁବାଦ—

ରମ୍ୟଗତି ରାମାଙ୍କର ହଂସେ ଜିଣିଲେ ଆବର
ବଦନଶୋଭାକୁ ହେଲେ ଫୁଲ୍ଲ କମଳେ ।
ସରେ ଫୁଟି ନୀଳୋତ୍ପଳେ ହରାଇଲେ ନେତ୍ରେ ବଳେ
ଜିଣିଲେ ତନୁ-ତରଙ୍ଗେ ଭ୍ରୂରୁ ଯୁଗଳେ ॥
ପ୍ରିୟେ ! ଏଥି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୭ ।

( ଅଷ୍ଟାଦଶ )

ଶ୍ୟାମାଲତାଃ କୁସୁମଭାର-ନତପ୍ରବାଳାଃ
ସ୍ତ୍ରୀଣାଂ ହରନ୍ତି ଧୃତଭୂଷଣ ବାହୁକାନ୍ତିଂ ।
ଦନ୍ତାବଭାସ-ବିଶଦ-ସ୍ମିତଚନ୍ଦ୍ରକାନ୍ତିଂ
କଙ୍କେଲିପୁଷ୍ପରୁଚିରା ନବ ମାଳତୀ ଚ ॥

—ଅନୁବାଦ—

ନତ-ପଲ୍ଲବ ସୁମନେ ଶ୍ୟାମାଲତା ଉପବନେ
ଭୂଷିତ ବାହୁଶୋଭାକୁ ହରେ ବାମାର ।
କଙ୍କେଳି ପୁଷ୍ପ ସୁନ୍ଦର ନବମାଳତୀ ଆବର
ଜିଣନ୍ତି ଦଶନସିତ-ପ୍ରଭାକୁ ତାର ॥
ପ୍ରିୟେ ! ଏଥି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୮ ।

( ଊନବିଂଶ )

କେଶାନ୍ନିତାନ୍ତ-ଘନନୀଳ-ବିକୁଞ୍ଚିତାଗ୍ରା—
ନାପୂରୟନ୍ତି ବନିତା ନବମାଳତୀଭିଃ ।
କର୍ଣ୍ଣେଷୁ ଚ ପ୍ରବର-କାଞ୍ଚନକୁଣ୍ଡଳେଷୁ
ନୀଳୋତ୍ପଳାନି ବିବିଧାନି ନିବେଶୟନ୍ତି ॥

—ଅନୁବାଦ—

ଘନନୀଳ ସୁକୁଞ୍ଚିତ    ନିଜ କେଶାଗ୍ରେ ରଞ୍ଜିତ
କରନ୍ତି ରମାଏ ଆଣି ରମ୍ୟ ମାଳତୀ ।
ତାଙ୍କ ଶ୍ରବଣେ କୁଣ୍ଡଳ—    ରୂପେ ରାଜେ ନୀଳୋତ୍ପଳ
ଅଙ୍ଗଶୋଭା ବିଭୂଷଣେ ସକଳେ ବ୍ରତୀ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୧୯ ।

( ବିଂଶ )

ହାରୈଃ ସଚନ୍ଦନରସୈଃ ସ୍ତନମଣ୍ଡଳାନି
ଶ୍ରୋଣୀତଟଂ ସୁବିପୁଳଂ ରସନାକଳାପୈଃ ।
ପାଦାମ୍ବୁଜାନି କଳନୂପୁର-ଶେଖରୈଶ୍ଚ
ନାର୍ଯ୍ୟଃ ପ୍ରହୃଷ୍ଟମନସୋଽଦ୍ୟ ବିଭୂଷୟନ୍ତି ॥

( ଅନୁବାଦ )

କରେ ସଚନ୍ଦନହାର    ସ୍ତନମଣ୍ଡଳେ ବିହାର
ରସନା କଳାପ କଟି-ତଟେ ତାଙ୍କର ।
ରାଜେ ଚରଣ-କମଳ    କଳ-ନୂପୁରେ କେବଳ
ବିଭୂଷଣେ ନାରୀଗଣ ମୋଦେ ତତ୍ପର ॥
ପ୍ରିୟେ ! ଏହି ରୂପମାଧୁରୀ,
ହେରି ଆନନ୍ଦେ ହୃଦୟ ଉଠିବ ପୂରି । ୨୦ ।

( ଏକବିଂଶ )

ସ୍ଫୁଟକୁମୁଦଚତାନାଂ ରାଜହଂସାଶ୍ରିତାନାଂ
ମରକତମଣିଭାସା ବାରଣା ଭୂଷିତାନାମ୍ ।
ଶ୍ରିୟ ମତଶୟରୂପାଂ ବ୍ୟୋମ-ତୋୟାଶୟାନାଂ
ବହତି ବିଗତମେଘଂ ଚନ୍ଦ୍ରତାରାବକୀର୍ଣ୍ଣମ୍ ॥

—ଅନୁବାଦ—

ଫୁଲ୍ଲ କମଳେ ଆଚିତ ସର ହଂସଗଣାଶ୍ରିତ
ଇନ୍ଦ୍ରନୀଳମଣି ସମ ଜଳେ ପୂରିତ ।
ଚନ୍ଦ୍ରତାରା ବିଭୂଷିତ ତଥା ଜଳଦ-ବର୍ଜିତ
ରାଜେ ବ୍ୟୋମଜଳାଶୟ ମଳରହିତ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୧ ।

( ଦ୍ୱାବିଂଶ )

ଶରଦ କୁମୁଦସଙ୍ଗାଦ୍ ବାୟବୋ ବାନ୍ତି ଶୀତାଃ
ବିଗତଜଳଦବୃନ୍ଦା ଦିଗ୍‌ବିଭାଗା ମନୋଜ୍ଞାଃ ।
ବିଗତ-କଲୁଷମମ୍ଭଃ ଶ୍ୟାନପଙ୍କା ଧରଣୀ
ବିମଳ-କିରଣ-ଚନ୍ଦ୍ରଂ ବ୍ୟୋମତାରାବିଚିତ୍ରମ୍ ॥

—ଅନୁବାଦ—

କୁମୁଦ ସ୍ପର୍ଶେ ଶରଦେ ଶୀତ ବାୟୁ ବହେ ମନ୍ଦେ
ଅପଗମେ ମେଘେ ରମ୍ୟ ଦିଗ-ସକଳ ।
ଆବର ଜଳ ନିର୍ମଳ ଶଶି ଚନ୍ଦ୍ର ସୁବିମଳ
ଶୁଷ୍କ ଭୂମି, ତାରକିତ ନଭୋମଣ୍ଡଳ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୨ ।

( ତ୍ରୟୋବିଂଶ )

ଦିବସକରମୟୂଖୈର୍ବୋଧ୍ୟମାନଂ ପ୍ରଭାତେ
ବରଯୁବତୀମୁଖାଭଂ ପଙ୍କଜଂ ଜୃମ୍ଭତେଽଦ୍ୟ ।
କୁମୁଦମପି ଗତେଽସ୍ତଂ ଲୀୟତେ ଚନ୍ଦ୍ରବିମ୍ବେ
ହସିତମିବ ବଧୂନାଂ ପ୍ରୋଷିତେଷୁ ପ୍ରିୟେଷୁ ॥

—ଅନୁବାଦ—

ବରାଙ୍ଗନା ମୁଖସମ ଶୋଭେ ପଦ୍ମ ଅନୁପମ
ରବି କରେ ଜାଗି ଉଠି ପ୍ରାତଃକାଳରେ ।
ହୁଅନ୍ତେ ଚନ୍ଦ୍ର ବିଲୀନ କୁମୁଦେ ହେଲେ ମଳିନ
ପ୍ରୋଷିତଭର୍ତ୍ତୃକା ନାରୀ ସମ ଦୁଃଖରେ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୩ ।

( ଚତୁର୍ବିଂଶ )

ଅସିତ ନୟନ ଲକ୍ଷ୍ମୀଂ ଲକ୍ଷୟିତ୍ୱୋତ୍ପଳେଷୁ
କ୍ୱଣିତକନକକାଞ୍ଚୀଂ ମତ୍ତହଂସ-ସ୍ୱନେଷୁ ।
ଅଧର ରୁଚିରଶୋଭାଂ ବନ୍ଧୁଜୀବେ ପ୍ରିୟାଣାଂ
ପଥିକଜନ ଇଦାନୀଂ ରୋଦିତି ଭ୍ରାନ୍ତଚିତ୍ତଃ ॥

—ଅନୁବାଦ—

ପ୍ରିୟାକୃଷ୍ଣନେତ୍ର କାନ୍ତି ଉତ୍ପଳେ ଜନ୍ମାଏ ଭ୍ରାନ୍ତି
ହଂସରବେ ସ୍ୱର୍ଣ୍ଣ-ରସନାର କ୍ୱଣନ ।
ଦେଖି ବନ୍ଧୁଲି କୁସୁମେ ପ୍ରିୟାଧର-ଭ୍ରମଜନ୍ମେ
ଭ୍ରାନ୍ତମନେ କାନ୍ଦେ ପାନ୍ଥ ଆଜ ଏସନ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୪ ।

( ପଞ୍ଚବିଂଶ )

ସ୍ତ୍ରୀଣାଂବିହାୟ ବଦନେଷୁ ଶଶାଙ୍କଲକ୍ଷ୍ମୀଂ
କାମଂ ଚ ହଂସବଚନଂ ମଣିନୂପୁରେଷୁ ।
ବନ୍ଧୂକକାନ୍ତି ମଧରେଷୁ ମନୋହରେଷୁ
କ୍ୱାପି ପ୍ରୟାତି ସୁଭଗା ଶରଦାଗମଶ୍ରୀଃ ॥

—ଅନୁବାଦ—

ତେଜି କାମିମା ବଦନ          ଚନ୍ଦ୍ରଶ୍ରୀ କର ଧାରଣ
ଘୁଙ୍ଗୁ ନୂପୁରକୁ ଦେଇ ହଂସବଚନ ।
ବନ୍ଧୂଳି-ରାଗ ଅଧରେ          ବନ୍ଧୁ ଦମେ ଆନନ୍ଦରେ
ଶରଦ ସୁନ୍ଦରୀ ଚାଲିଯାଏ ବହନ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୫ ।

( ଷଡ଼ବିଂଶ )

ବିକଚ କମଲ ବକ୍ତ୍ରା ଫୁଲ୍ଲନୀଳୋତ୍ପଳାକ୍ଷୀ
ବିକସିତ ନବକାଶଶ୍ୱେତବାସୋ ବସାନା ।
କୁମୁଦରୁଚିରକାନ୍ତିଃ କାମିନୀବୋନ୍ମଦେୟଂ
ପ୍ରତିଦିଶତୁ ଶରଦ୍ୱଶ୍ଚେତସଃ ପ୍ରୀତିମଗ୍ର୍ୟାମ୍ ॥

—ଅନୁବାଦ—

ଫୁଲ୍ଲକମଳ ବଦନା          ସେ ଇନ୍ଦୀବର ଲୋଚନା
ପିନ୍ଧିବିକସିତ—କାଶକୁସୁମବାସ ।
କୁମୁଦକୁ ଜିଣି ରମା          ସମଶରନ୍ମନୋରମା
ଦିଅନ୍ତୁ ମାନସେ ପ୍ରୀତି ବଦନେ ହାସ ॥
ପ୍ରିୟେ ! ଏହି ରୂପମାଧୁରୀ,
ହେର ଆନନ୍ଦେ ହୃଦୟ ଉଠିବ ପୂରି । ୨୬ ।

# ହେମନ୍ତ

( ପ୍ରଥମ )

ନବପ୍ରବାଳୋଦ୍‌ଗମଶସ୍ୟରମ୍ୟଃ
ପ୍ରଫୁଲ୍ଲଲୋଧ୍ରଃ ପରିପକ୍ୱଶାଳିଃ
ବିଲୀନପଦ୍ମଃ ପ୍ରପତତ୍ତୁଷାରେ ।
ହେମନ୍ତକାଳଃ ସମୁପାଗତୋଽୟମ୍ ॥

—ଅନୁବାଦ—

ନବପଲ୍ଲବର ଉଦୟରେ ଶସ୍ୟ
ହେମନ୍ତେ ସୁମନୋରମ ।
ଫୁଟେ ଲୋଧ୍ରପୁଷ୍ପ ପକ୍ୱଶାଳି କ୍ଷେତ୍ର
ଶୋଭେ ଅତି ଅନୁପମ । ୧ ।
ପଦ୍ମବନ ପୁଣ ହେଲାଣି ବିଲୀନ
ଘନ-ତୁଷାର ପତନେ ।
ଆସିଗଲା ଏବେ ହେମନ୍ତଋତୁ ଆଜି
ଦେଖ ପ୍ରିୟେ ! ହୃଷ୍ଟ ମନେ । ୨ ।

( ଦ୍ୱିତୀୟ )

ମନୋହରୈଃ କୁଙ୍କୁମରାଗରକ୍ତୈଃ ।
ତୁଷାର କୁନ୍ଦେନ୍ଦୁନିଭୈଶ୍ଚ ହାରୈଃ ।
ବିଳାସିନୀନାଂ ସ୍ତନଶାଳିନୀନାଂ
ନାଲଂକ୍ରିୟନ୍ତେ ସ୍ତନମଣ୍ଡଳାନି ॥

—ଅନୁବାଦ—

ରକତ ବର୍ଣ୍ଣରେ କୁଙ୍କୁମରାଗରେ
ବିଳାସିନୀ ନିଜସ୍ତନ
ନ କରେ ମଣ୍ଡନ ମୁକୁତାହାରେ ବା
ତାହାର ଅଳଙ୍କରଣ । ୩ ।

( ତୃତୀୟ )

ନ ବାହୁଯୁଗେଷୁ ବିଳାସିନୀନାଂ
ପ୍ରଯାନ୍ତି ସଙ୍ଗଂ ବଲୟାଙ୍ଗଦାନି
ନିତମ୍ବବିମ୍ବେଷୁ ନବଂ ଦୁକୂଳଂ
ତନ୍ୱଂଶୁକଂ ପୀନପୟୋଧରେଷୁ ॥

—ଅନୁବାଦ—

ବାହୁଯୁଗେ ଚାରୁ    ଅଙ୍ଗଦ ବଳୟ
ପିନ୍ଧେ ନାହିଁ ସମାଦରେ ।
କଟିତଟେ ରମ୍ୟ    ନବୀନ ଦୁକୂଳ
ନ ବରଜେ ହେମନ୍ତରେ । ୪ ।
ପୀନ ପୟୋଧରେ    ସୂକ୍ଷ୍ମ ବସନ
ନ କରେ ସେ ପରିଧାନ ।
ହିମର ପ୍ରଭାବେ    ଶରୀର ପାଣ୍ଡୁର
ମୁଖ ଦିଶେ ଶୀତେ ମ୍ଳାନ । ୫ ।

( ଚତୁର୍ଥ )

କାଞ୍ଚୀଗୁଣୈଃ କାଞ୍ଚନରତ୍ନଚିତ୍ରୈ-
ର୍ନୋ ଭୂଷୟନ୍ତି ପ୍ରମଦା ନିତମ୍ବଂ ।
ନ ନୂପୁରୈର୍ହଂସରୁତଂ ଭଜଦ୍ଭିଃ
ପାଦାମ୍ବୁଜାନ୍ୟମ୍ବୁଜକାନ୍ତିଭାଞ୍ଜି ॥

—ଅନୁବାଦ—

କାଞ୍ଚନ ଖଚିତ—    ରଶନା ନ ଲଭେ
ବାଳାନିତମ୍ବେ ଆସନ ।
ହଂସରବ ସମ    ନୂପୁର ପାଦାବ୍ଜେ
ଉଚ୍ଚ ରବ କରେ ନାହିଁ ସ୍ୱନ । ୬ ।

( ପଞ୍ଚମ )

ଗାତ୍ରାଣି କାଳୀୟକ-ଚର୍ଚ୍ଚିତାନି
ସପତ୍ରଲେଖାନି ମୁଖାମ୍ବୁଜାନି ।
ଶିରାଂସି କାଳାଗୁରୁଧୂପିତାନି
କୁର୍ବନ୍ତି ନାର୍ଯ୍ୟଃ ସୁରତୋତ୍ସବାୟ ॥

—ଅନୁବାଦ—

ବାସଦ୍ରବ୍ୟେ ଦେହ          କରନ୍ତି ଚର୍ଚ୍ଚିତ
ମୁଖାବ୍ଜ ପତ୍ରଲେଖନେ
ଚର୍ଚିତ କରଣେ          ବାମାଗଣ ସ୍ୱମେ
ରଚଥାନ୍ତି ସଯତନେ । ୭ ।
କାଳାଗୁରୁ ଧୂପେ          କରନ୍ତି ଧୂପିତ
ନିଜ ଗୁରୁକେଶପାଶ ।
ପ୍ରଣୟୁ ଉତ୍ସୁକ          ପାଇଁ ସ୍ୱମାଗଣ
କରନ୍ତି ସଦା ପ୍ରୟାସ । ୮ ।

( ଷଷ୍ଠ )

ରତଶ୍ରମକ୍ଷାମବପାଣ୍ଡୁବକ୍ତ୍ରାଃ
ସଂପ୍ରାପ୍ତହର୍ଷାଭ୍ୟୁଦୟାସ୍ତରୁଣ୍ୟଃ ।
ହସନ୍ତ ନୋଚ୍ଚୈର୍ଦ୍ଦଶନାଗ୍ରଭିନ୍ନାନ୍
ପ୍ରପୀଡ୍ୟମାନାନଧରାନବେକ୍ଷ୍ୟ ॥

—ଅନୁବାଦ—

ରତି ଶ୍ରମେ ଶୁଷ୍କ          ପାଣ୍ଡୁର-ବଦନା
ଏକାଳେ ତରୁଣୀ-ଗଣ ।
ଧବଦଶନାଗ୍ର          ଭିନ୍ନ ନିଜାଧରେ
ନିରେଖି ହୋଇ ଉନ୍ମନ । ୮ ।

ହର୍ଷୋଦୟେ ମଧ୍ୟ    ଲଜ୍ଜାବଶେ ସର୍ବେ
ଉଚ୍ଚାଟେ କେଳି ସଦନେ ।
ନ ହସନ୍ତି ଜଗେ    ଉତ୍ସବାକଶେଷେ
ଶାନ୍ତ ମଦନ ସେ ଭଜନେ । ୯ ।

( ସପ୍ତମ )

**ପୀନସ୍ତନୋରଃସ୍ଥଳଭାଗଶୋଭା**
**ମାସାଦ୍ୟ ତତ୍ପୀଡ଼ନଜାତଖେଦଃ ।**
**ତୃଣାଗ୍ରଲଗ୍ନୈ ସ୍ତୁହିନୈଃ ପତଦ୍ଭିଃ**
**ଆକ୍ରନ୍ଦତୀବୋଷସି ଶୀତକାଳଃ ।।**

—ଅନୁବାଦ—

ଲଭି ପୀନସ୍ତନ—    ରମ୍ୟ ବକ୍ଷଶୋଭା
ଖେଦ ପାଇ ତା ପୀଡାରେ ।
ତୃଣାଗ୍ର ପତିତ    ହିମବିନ୍ଦୁ ଛଳେ
କାନ୍ଦେ କି ଶୀତ ଊଷାରେ । ୧୦ ।

( ଅଷ୍ଟମ )

**ପ୍ରଭୂତଶାଳି-ପ୍ରସବୈ ଶ୍ଚିତାନି**
**ମୃଗାଙ୍ଗନାଯୂଥ ବିଭୂଷିତାନି ।**
**ମନୋହରକ୍ରୌଞ୍ଚନିନାଦିତାନି**
**ସୀମାନ୍ତରଣ୍ୟୁତ୍ସୁକୟନ୍ତି ଚେତଃ ।।**

—ଅନୁବାଦ—

ପକ୍ୱଶାଳି କ୍ଷେତେ    ଘଳେ କାହିଁ ଧାଇଁ
ଦଳବାନ୍ଧି ମୃଗଗଣ ।
ଶୋଭନ୍ତି କେଉଁଠି    ହରେ ଜନମନ
କାହିଁ ରମ୍ୟ କ୍ରୌଞ୍ଚସ୍ୱନ । ୧୧ ।

( ନବମ )

ପ୍ରଫୁଲ୍ଲ-ନୀଳୋତ୍ପଳ-ଶୋଭିତାନି
ସୋନ୍ମାଦ କାଦମ୍ବବିଭୂଷିତାନି ।
ପ୍ରସନ୍ନ ତୋୟାନି ସୁଶୀତଳାନି
ସରାଂସି ଚେତାଂସି ହରନ୍ତି ପୁଂସାମ୍ ॥

—ଅନୁବାଦ—

ଶୋଭେ ନୀଳୋତ୍ପଳେ ସରୋବର ମାନ
ରାଜହଂସେ ବିଭୂଷିତ
ନିର୍ମଳ ଶୀତଳ ସଲିଳ ତାହାର
ହରେ ମାନସ-ମୋହିତ ।୧୨।

( ଦଶମ )

ପାକଂ ବ୍ରଜନ୍ତୀ ହିମଜାତଶୀତୈଃ
ଆଧୂୟମାନା ସତତଂ ମରୁଦ୍ଭିଃ ।
ପ୍ରିୟେ ! ପ୍ରିୟଙ୍ଗୁଃ ପ୍ରିୟବିପ୍ରଯୁକ୍ତା
ବିପାଣ୍ଡୁତାଂ ଯାତି ବିଳାସିନୀ ଚ ॥

—ଅନୁବାଦ—

ହିମ-ଶୀତେ ପାକି ପ୍ରିୟଙ୍ଗୁ ଲତିକା
ହୁଏ ପାଣ୍ଡୁର ବରଣା ।
ଶିହରି ଉଠେ ସେ ପ୍ରିୟ ବିରହରେ
ପ୍ରିୟେ ! ଯେସନେ ଅଙ୍ଗନା । ୧୩ ।

( ଏକାଦଶ )

ପୁଷ୍ପାସବାମୋଦ ସୁଗନ୍ଧିବକ୍ତ୍ରୋ
ନିଶ୍ୱାସବାତୈଃ ସୁରଭୀକୃତାଙ୍ଗଃ
ପରସ୍ପରାଙ୍ଗ-ବ୍ୟତିଷକ୍ତ-ଶାୟୀ
ଶେତେ ଜନଃ କାମରସାନୁବଦ୍ଧଃ ॥

—ଅନୁବାଦ—

କୁସୁମ ଆସବେ କରି ସୁରଭିତ
ମୁଖ ମଣ୍ଡଳ ନିଜର
ନିଶ୍ୱାସ ପବନେ ସୁଗନ୍ଧିତ କରି
ଅଙ୍ଗାବଳୀକୁ ସଭିଁର ।
ପରସ୍ପର ଅଙ୍ଗ ଭରି ବିଜଡ଼ିତ
ଏ କାଳେ ଦମ୍ପତିଗଣ
ଆଦିରସାସକ୍ତ ନିଶି ନିକେତନେ
ହୁଅନ୍ତି ସୁଖେ ମଗନ । ୧୪ ।

( ଦ୍ୱାଦଶ )

ଦନ୍ତଚ୍ଛଦୈଃ ସବ୍ରଣଦନ୍ତଚିହ୍ନୈଃ
ସ୍ତନୈଶ୍ଚ ପାଣ୍ୟଗ୍ର-କୃତାଭିଲେଖୈଃ ।
ସଂସୂଚ୍ୟତେ ନିର୍ଦ୍ଦୟ ମଙ୍ଗନାନାଂ
ରତୋପଯୋଗୋ ନବଯୌବନାନାମ୍ ॥

—ଅନୁବାଦ—

ସୂଚଇ ଦିଏ ତ ଦଶନ କ୍ଷତରୁ
ବାଳାଗଣଙ୍କ ଅଧର
ପୃଥୁପୟୋଧର ନଖ କ୍ଷତଜାତ
ଗାଢ଼ ସମ୍ଭୋଗ ନିକର । ୧୫ ।

( ତ୍ରୟୋଦଶ )

କାଚିଦ୍ ବିଭୂଷୟତି ଦର୍ପଣସକ୍ତହସ୍ତା
ବାଳାତପେଷୁ ବନିତା ବଦନାରବିନ୍ଦମ୍ ।
ଦନ୍ତଚ୍ଛଦଂ ପ୍ରିୟତମେନ ନିପୀତସାରଂ
ଦନ୍ତାଗ୍ରଭିନ୍ନମବକୃଷ୍ୟ ନିରୀକ୍ଷତେ ଚ ।।

—ଅନୁବାଦ—

ମନ୍ଦେ ବାଳାତପେ ନିଜ ମୁଖପଦ୍ମ
ଦର୍ପଣଧରି କେ ନାରୀ ।
ପ୍ରିୟଦନ୍ତକ୍ଷତ ନିଜ ଅଧରକୁ
ନିରେଖେ ସ୍ନେହେ ଓଟାରି । ୧୬ ।

( ଚତୁର୍ଦ୍ଦଶ )

ଅନ୍ୟା ପ୍ରକାମସୁରତଶ୍ରମଖିନ୍ନଦେହା
ରାତ୍ରି-ପ୍ରଜାଗର-ବିପାଟଳନେତ୍ର-ପଦ୍ମା ।
ସ୍ରସ୍ତାଂସଦେଶ-ଲୁଳିତାକୁଳକେଶପାଶା ।
ନିଦ୍ରାଂ ପ୍ରୟାତି ମୃଦୁସୂର୍ଯ୍ୟକରାଭିତପ୍ତା ।।

—ଅନୁବାଦ—

ରତିଶ୍ରମେ କ୍ଳାନ୍ତା କୃଶାଙ୍ଗୀ କେ ବାଳା
ନୟନ ପାଟଳ ରାତି ଉଜାଗରେ
ଅଂସେ ଗଳେ ପୁଣି ମୁକୁଳିତ କେଶ
ଶୋଇଛି ସେ ତଳ୍ପେ ମୃଦୁ ରବିକରେ । ୧୬ ।

( ଷୋଡ଼ଶ )

ନିର୍ମାଲ୍ୟଦାମପରମୁକ୍ତମନୋଜ୍ଞଗନ୍ଧଂ
ମୂର୍ଦ୍ଧ୍ନୋଽପନୀୟ ଘନନୀଳଶିରୋରୁହାନ୍ତାଃ ।
ପୀନୋନ୍ନତସ୍ତନଭରାନତଗାତ୍ରଯଷ୍ଟ୍ୟଃ
କୁର୍ବନ୍ତି କେଶରଚନା ମପରାସ୍ତରୁଣ୍ୟଃ ॥

—ଅନୁବାଦ—

ଘନନୀଳ କେଶୀ କେଶାଗ୍ରକୁ କରି
ମୁଖମଣ୍ଡଳରୁ ଦୂର
ପୁଣି କୁସୁମର ସୁରଭିତ ହାର
କଲେ ଅଳକରୁ ଦୂର । ୧୮ ।
କୀର ପୀନୋନ୍ନତ— ପୟୋଧର ଭରେ
କୃଶତନୁ ଅବନତ ।
କୁନ୍ତଳ-କଳାପ ପ୍ରସାଧନେ ସଦା
କଏ ବା ହୋଇଛି ରତ । ୧୯ ।

( ସପ୍ତଦଶ )

ଅନ୍ୟା ପ୍ରିୟେଣ ପରିଭୁକ୍ତ ମବେକ୍ଷ୍ୟ ଗାତ୍ରମ୍
ହର୍ଷାନ୍ୱିତା ବିରଚିତାଧରଚାରୁଶୋଭା ।
କୂର୍ପାସକଂ ପରିଦଧାତି ନଖକ୍ଷତାଙ୍ଗୀ
ବ୍ୟାଲମ୍ବିନୀଳଲଳିତାଳକକୁଞ୍ଚିତାକ୍ଷୀ

—ଅନୁବାଦ—

କେ ବା ପ୍ରିୟଭୁକ୍ତ ହେରି ନିଜଗାତ୍ର
ଅଧର ରଞ୍ଜି ହରଷେ ।
ନଖ-କ୍ଷତ ଅଙ୍ଗେ ପିନ୍ଧଇ କଞ୍ଚୁକ
କୁଞ୍ଚିତନେତ୍ରା ଉଭସେ । ୨୦ ।

( ସପ୍ତଦଶ )

ଅନ୍ୟାଶ୍ଚିରଂ ସୁରତକେଳି-ପରିଶ୍ରମେଣ
ଖେଦଂଗତାଃ ପ୍ରଶିଥିଳୀକୃତଗାତ୍ରଯଷ୍ଟ୍ୟଃ ।
ସଂହୃଷ୍ୟମାଣପୁଲକୋରୁପୟୋଧରାନ୍ତା
ଅଭ୍ୟଞ୍ଜନଂ ବିଦଧତି ପ୍ରମଦାଃ ସୁଶୋଭାଃ ॥

—ଅନୁବାଦ—

ପ୍ରଣୟ ଉତ୍ସବେ ଶିଥିଳ-ଶରୀର
ହୋଇଛି ଅବା କାହାର ।
ପୃଥୁ ଉରୁଜାଗ୍ର ଶିତରେ ଅଙ୍ଗେ ସେ
ମର୍ଦ୍ଦଇ ଅତର ସାର । ୨୧ ।

( ଅଷ୍ଟାଦଶ )

ବହୁଗୁଣ-ରମଣୀୟୋ ଯୋଷିତାଂ ଚିତ୍ତହାରୀ
ପରିଣତବହୁଶାଳିବ୍ୟାକୁଳଗ୍ରାମସୀମା ।
ସତତମତିମନୋଜ୍ଞ-କ୍ରୌଞ୍ଚମାଳାପରୀତଃ
ପ୍ରଦିଶତୁ ହିମଯୁକ୍ତଃ କାଳ ଏଷ ସୁଖଂ ବଃ ॥

—ଅନୁବାଦ—

ବହୁଗୁଣରେ ସୁନ୍ଦର ବାମାଙ୍କର ଚିତ୍ତହର
ପକ୍ୱଶାଳୀକ୍ଷେତେ ଗ୍ରାମସୀମା ରୁଚିର ।
କ୍ରୌଞ୍ଚମାଳା ଉପବୀତ- ରୂପେ ଯେ ଋତୁ ଶୋଭିତ
ସେ ହେମନ୍ତ ଦେଉ ସୁଖ ମାନବେ ତର ।
ପ୍ରିୟତମେ ! ଋତୁ ହେମନ୍ତ
ବହୁ ଶସ୍ୟଧନେ ନଗର ନଗର ଶ୍ରୀମନ୍ତ । ୨୨ ।

# ଶିଶିର

( ପ୍ରଥମ )

**ପ୍ରରୂଢ଼ଶାଲ୍ୟଂ ଶୁଚୟୈର୍ମନୋହରମ୍**
**କ୍ୱଚିତ୍ ସ୍ଥିତକ୍ରୌଞ୍ଚ-ନିନାଦରାଜିତମ୍ ।**
**ପ୍ରକାମକାମଂ ପ୍ରମଦାଜନପ୍ରିୟଂ**
**ବରୋରୁ ! କାଲଂ ଶିଶିରାହ୍ୱୟଂ ଶୃଣୁ ॥**

—ଅନୁବାଦ—

କ୍ରୌଞ୍ଚ ନିନାଦ ରୁଚିର        ଦୟିତେ ! ରମ୍ୟ ଶିଶିର
ପ୍ରମଦା-ଜନଙ୍କ ପ୍ରିୟ ଧାନ୍ୟେ ସୁନ୍ଦର ।
କାମ ସଞ୍ଚାର-ସମୟ        ଭୋଗୀଙ୍କୁ ଦିଏ ଅଭୟ
ମୋଦ ଆଣେ ବାଲେ ଇକ୍ଷୁରସ ଆକର ।
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ଶୀତବଲେ ଜନେ ସ୍ଥବର । ୧ ।

( ଦ୍ୱିତୀୟ )

**ନିରୁଦ୍ଧବାତାୟନମନ୍ଦିରୋଦରଂ**
**ହୁତାଶନୋ ଭାନୁମତୋ ଗଭସ୍ତୟଃ**
**ଗୁରୂଣି ବାସାଂସ୍ୟବଲାଃ ସଯୌବନାଃ**
**ପ୍ରୟାନ୍ତି କାଲେଽତ୍ର ଜନସ୍ୟ ସେବ୍ୟତାମ୍ ॥**

—ଅନୁବାଦ—

ଅବରୁଦ୍ଧ ନିକେତନ        ରବିକର ହୁତାଶନ
କମ୍ବଳ ବାସ ଯୁବତୀ ନାରୀ ଆଦର ।
ଏ କାଳେ ମିଳି ସରବେ        ଜନତାର ସେବା ଭାବେ
କରନ୍ତି ଯତନେ ମନ ଦେଇ ସତ୍ୱର ।
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ଶୀତ ବଳେ ଜନେ ସ୍ଥବର । ୨ ।

( ତୃତୀୟ )

ନ ଚନ୍ଦନଂ ଚନ୍ଦ୍ରମରୀଚିଶୀତଳଂ
ନ ହର୍ମ୍ମ୍ୟପୃଷ୍ଠଂ ଶରଦେନ୍ଦୁନିର୍ମ୍ମଳମ୍ ।
ନ ବାୟବଃ ସାନ୍ଦ୍ରତୁଷାରଶୀତଳାଃ
ଜନସ୍ୟ ଚିତ୍ତଂ ରମୟନ୍ତି ସାମ୍ପ୍ରତମ୍ ॥

—ଅନୁବାଦ—

ଶୀତଳ ବାସ-ଚନ୍ଦନ ଆଉର ଚନ୍ଦ୍ର କିରଣ
ପ୍ରାସାଦ ଉପରିସ୍ଥିତ ଜ୍ୟୋତ୍ସ୍ନାଧବଳ ।
ଗାଢ଼ତୁଷାର ପବନ ନ ହରନ୍ତି ଜନମନ
ଶୀତ ଦେଖାଏ ଏ କାଳେ ସକଳ ବଳ ।
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜବଳେ ଜନେ ସ୍ଥବିର । ୩ ।

( ଚତୁର୍ଥ )

ତୁଷାରସଂଘାତନିପାତଶୀତଳାଃ
ଶଶାଙ୍କଭାଭିଃ ଶିଶିରୀକୃତାଃ ପୁନଃ ।
ବିପାଣ୍ଡୁତାରାଗଣଚିହ୍ନଭୂଷିତା
ଜନସ୍ୟ ସେବ୍ୟା ନ ଭବନ୍ତି ରାତ୍ରୟଃ ॥

—ଅନୁବାଦ—

ଘନ ତୁଷାର ନିପାତ ଶଶାଙ୍କ କିରଣ ସହ
ପାଣ୍ଡୁର ତାରକାଗଣ ଶୀତ ନିଶାରେ ।
ଜନସେବା ନ କରନ୍ତି କ୍ଳେଶ ଦାନେ ହୋଇ ବ୍ରତୀ
ନିରତ ଥାନ୍ତି ଶିଶିର ପରିଚର୍ଯ୍ୟାରେ ।
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜବଳେ ଜନେ ସ୍ଥବିର । ୪ ।

( ପଞ୍ଚମ )

ଗୃହୀତ ତାମ୍ବୂଳବିଲେପନସ୍ରଜ
ସୁଖାସବାମୋଦିତବକ୍ତ୍ରପଙ୍କଜାଃ ।
ପ୍ରକାମକାଳାଗୁରୁଧୂପବାସିତମ୍
ବିଶନ୍ତି ଶଯ୍ୟାଗୃହ ମୁତ୍ସୁକାଃ ସ୍ତ୍ରିୟଃ ॥

—ଅନୁବାଦ—

ମଣ୍ଡି ଅଙ୍ଗ ବିଲେପନେ ଧରି ତାମ୍ବୂଳ ସୁମନେ
ଆମୋଦିତ କରି ନିଜ ମୁଖ-କମଳେ ।
ବାସିତ ଅଗୁରୁଧୂପେ କେଳିଗୃହେ ନିଶିମୁଖେ
ଉତ୍ସୁକେ ଗମନ୍ତି ବାମାଗଣ ଚଞ୍ଚଳେ ।
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜବଳେ ଜନେ ସ୍ଥବିର । ୫ ।

( ଷଷ୍ଠ )

କୃତାପରାଧାନ୍ ବହୁଶୋଽପି ତର୍ଜିତାନ୍ ।
ସବେପଥୂନ୍ ସାଧ୍ୱସଲୁପ୍ତଚେତସଃ ।
ନିରୀକ୍ଷ୍ୟ ଭର୍ତ୍ତୄନ୍ ସୁରତାଭିଳାଷିଣଃ
ସ୍ତ୍ରିୟୋଽପରାଧାନ୍ ସମଦା ବିସସ୍ମରୁଃ ॥

—ଅନୁବାଦ—

ଦୋଷକରି ବହୁବାରେ ପ୍ରିୟାଙ୍କୁ ଡରି ଲଜ୍ଜାରେ
ମୌନେ ଥରହରି ହେଲେ ନାୟକମାନେ ।
ହେରି ତାହା ବାମାଗଣ ଭୁଲିଦୋଷ ଅଗଣନ
ଅନୁରକ୍ତେ ପ୍ରିୟେ ବରିଥାନ୍ତି ସମ୍ମାନେ
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜବଳେ ଜନେ ସ୍ଥବିର । ୬ ।

( ସପ୍ତମ )

ପ୍ରକାମକାମୈର୍ଯୁବଭିଃ ସନିର୍ଦ୍ଦୟଂ
ନିଶାସୁ ଦୀର୍ଘାସ୍ୱଭିରାମିତା ଭୃଶମ୍ ।
ଭ୍ରମନ୍ତି ମନ୍ଦଂ ଶ୍ରମଖେଦତୋଽରସଃ
କ୍ଷପାବସାନେ ନବଯୌବନାଃ ସ୍ତ୍ରିୟଃ ॥

—ଅନୁବାଦ—

ତାରୁଣ୍ୟ ତରୁଣୀଗଣେ     ତରୁଣଗଣ ଗହଣେ
ଭୁଞ୍ଜନ୍ତି ଅଭିରାମିତ ଯାମିନୀଶାରେ ।
ଶ୍ରମଖେଦରେ ସରବେ     କ୍ଷପାବସାନେ ମାରବେ
ଆସି ନିକେତନୁ ଭ୍ରମୁଥାନ୍ତି ବାହାରେ ।
ପ୍ରିୟେ ! ଏହି ଋତୁ ଶିଶିର
କରଇଏ ନିଜବଳେ ଜନେ ସ୍ଥବିର । ୭ ।

( ଅଷ୍ଟମ )

ମନୋଜ୍ଞକୂର୍ପାସକପୀଡ଼ିତସ୍ତନାଃ
ସରାଗକୌଶେୟକଭୂଷିତୋରବଃ ।
ନିବେଶିତାନ୍ତଃକୁସୁମୈଃ ଶିରୋରୁହୈ-
ର୍ବିଭୂଷୟନ୍ତୀବ ହିମାଗମଂ ସ୍ତ୍ରିୟଃ ॥

—ଅନୁବାଦ—

ହିମେ ରମ୍ୟ କାଞ୍ଚୁଲିରେ     ସ୍ତନଯୁଗ ଧାରିକାରେ
ଆବୋରନ୍ତି ବକ୍ଷ ପୁଣି କୌଶେୟ ବାସେ ।
ଶିରୋରୁହ କୁସୁମରେ     ରାମାଗଣ ମୋଦଭରେ
ଭୂଷଣ କରନ୍ତି ଅନୁରାଗେ ସୁହାସେ ।
ପ୍ରିୟେ ! ଏହି ଋତୁ ଶିଶିର
କରଇଏ ନିଜବଳେ ଜନେ ସ୍ଥବିର । ୮ ।

( ନବମ )

ପୟୋଧରୈଃ କୁଙ୍କୁମରାଗପିଞ୍ଜରୈଃ
ସୁଖୋପସେବ୍ୟୈର୍ନବଯୌବନୋଷ୍ମଭିଃ ।
ବିଳାସିନୀଭିଃ ପରିପୀଡ଼ିତୋରସଃ
ସ୍ୱପନ୍ତି ଶୀତଂ ପରିଭୂୟ କାମିନଃ ॥

—ଅନୁବାଦ—

କୁଙ୍କୁମ ରାଗ ରଞ୍ଜିତ ଯୌବନତେଜ ଦୀପିତ
ସୁଖସେବ୍ୟ ଉରସ୍ଥଳ କାମିନୀଙ୍କର
ହେଲେ କରି ନିପୀଡ଼ନ ଶୟନେ ଥାନ୍ତି ରମଣ
ପରାଜିତ କରି ଶୀତେ ମନ୍ଦ ଅବର ।
ପ୍ରିୟେ ! ଏହୁ ଋତୁ ଶିଶିର
କରଇଏ ଶୀତବଳେ ଜନେ ସ୍ଥବିର । ୯ ।

( ଦଶମ )

ସୁଗନ୍ଧିନିଶ୍ୱାସବିକମ୍ପିତୋତ୍ପଳମ୍
ମନୋହରଂ କାମରତିପ୍ରବୋଧକଂ ।
ନିଶାସୁ ହୃଷ୍ଟାଃ ସହକାମିଭିଃ ସ୍ତ୍ରିୟଃ
ପିବନ୍ତି ମଦ୍ୟଂ ମଦନୀୟ-ମୁତ୍ତମଂ ॥

—ଅନୁବାଦ—

ଆନନ୍ଦେ ରମଣୀଗଣେ ମଦନର ଉଦ୍ଦୀପନେ
ରଜନୀରେ ମନୋରମ ମଦ୍ୟ ସେବନେ
ନିଜ ପ୍ରେମିକ ସଙ୍ଗତେ ରତ ଥାନ୍ତି ଅବିରତେ
କମ୍ପେ ତାଙ୍କ କରପଦ୍ମ ଶ୍ୱାସ-ପବନେ ।
ପ୍ରିୟେ ! ଏହୁ ଋତୁ ଶିଶିର
କରଇଏ ନିଜବଳେ ଜନେ ସ୍ଥବିର । ୧୦ ।

( ଏକାଦଶ )

ଅପଗତମଦରାଗା ଯୋଷିଦେକା ପ୍ରଭାତେ
କୃତନିବିଡ଼କୁଚାଗ୍ରା ପତ୍ୟୁରାଲିଙ୍ଗନେନ ।
ପ୍ରିୟତମପରିଭୁକ୍ତଂ ବୀକ୍ଷମାଣା ସ୍ୱଦେହଂ
ବ୍ରଜତି ଶୟନବାସାଦ୍‌ବାସମନ୍ୟଂହସନ୍ତୀ ॥

—ଅନୁବାଦ—

ଅପସରନ୍ତେ ବାଳାର ମଦରାଗ ସ୍ଫୁରିତର
ଏକାକିନୀ ସୁହାସିନୀ ପ୍ରାତଃକାଳରେ
ଆଲିଙ୍ଗନେ ପ୍ରିୟଙ୍କର ଭୁକ୍ତ ନିଜ କଳେବର
ଯାଏ ଦେଖି କେଳିଘରୁ ଅନ୍ୟସ୍ଥ ଘରେ ।
ପ୍ରିୟେ ! ଏହି ଋତୁ ଶିଶିର
କରଇଏ ନିଜବଳେ ଜନେ ସ୍ମରବର । ୧୧ ।

( ଦ୍ୱାଦଶ )

ଅଗୁରୁସୁରଭିଧୂପାମୋଦିତଂ କେଶପାଶଂ
ଗଳିତ-କୁସୁମମାଳଂ ତନ୍ୱତୀ କୁଞ୍ଚିତାଗ୍ରଂ ।
ତ୍ୟଜତି ଗୁରୁନିତମ୍ବା ନିମ୍ନମଧ୍ୟାବସାନା
ହ୍ୟୁଷସି ଶୟନମନ୍ୟା କାମିନୀ ଚାରୁଶୋଭା ॥

—ଅନୁବାଦ—

ଉଷାରେ କୁସୁମହାର ଖସିଛି ଆନ ବାଳାର
ଅଗୁରୁଧୂପବାସିତ କୁନ୍ତଳୁ ଟଳେ ।
ଆକୁଞ୍ଚନ କରେ ଧରି ଚିକୁର ଛାନ୍ତ ସୁହସ୍ତ
କ୍ଷୀଣକଟି ସ୍ଥୂଳନିତମ୍ବିନୀ ଅମଳେ ।
ପ୍ରିୟେ ! ଏହି ଋତୁ ଶିଶିର
କରଇଏ ଶୀତବଳେ ଜନେ ସ୍ମରବର । ୧୨ ।

( ତ୍ରୟୋଦଶ )

କନକକମଳକାନ୍ତୈଃ ସଦ୍ୟ ଏବାମ୍ବୁଧୌତୈଃ
ଶ୍ରବଣତଟନଷକ୍ତୈ ର୍ପାଟଳୋପାନ୍ତନେତ୍ରୈଃ ।
ଉଷସି ବଦନବିମ୍ବୈ ରଂସ-ସଂସକ୍ତକେଶୈଃ
ଶ୍ରିୟ ଇବ ଗୃହମଧ୍ୟେ ସଂସ୍ଥିତା ଯୋଷିତୋଽଦ୍ୟ

—ଅନୁବାଦ—

ବାମାଗଣ ପ୍ରାତଃସ୍ନାନେ          ଦିଶନ୍ତି ଲକ୍ଷ୍ମୀ ସମାନେ
ଧୌତ ସ୍ୱର୍ଣ୍ଣପଦ୍ମ ସମ ମୁଖ ତାଙ୍କର ।
ପାଟଳୋପାନ୍ତନୟନ          ହରେ ଦର୍ଶକର ମନ
ଲମ୍ବଂଜ ସ୍କନ୍ଧେ ଚିକୁର ମାଳ ସୁନ୍ଦର ।
ପ୍ରିୟେ ! ଏହି ଋତୁ ଶିଶିର
କରିଥାଏ ନନ୍ଦବନେ ଜନେ ସୁନ୍ଦର । ୧୩ ।

( ଚତୁର୍ଦ୍ଦଶ )

ପୃଥୁଜଘନଭରାର୍ତ୍ତାଃ କିଞ୍ଚିଦାନମ୍ରମଧ୍ୟାଃ
ସ୍ତନଭରପରିଖେଦାନ୍ମନ୍ଦମନ୍ଦଂ ବ୍ରଜନ୍ତ୍ୟଃ ।
ସୁରତସମୟବେଶଂ ନୈଶମାଶୁ ପ୍ରହାୟ
ଦଧତି ଦିବସଯୋଗ୍ୟଂ ବେଶମନ୍ୟାସ୍ତରୁଣ୍ୟଃ ॥

—ଅନୁବାଦ—

ପୃଥୁଳ ଜଘନ ଭରେ          ବିପୁଳ କୁଚ ସମ୍ଭାରେ
ଆନତ କଟିରେ ଆଜ ତରୁଣୀଚୟ ।
ସୁରତ-ସମୟ-ବେଶ          ତେଜି ସୁଧୀରେ ଅଶେଷ
ପିନ୍ଧିଯାନ୍ତି ଦିବାସାଜ ହୋଇ ନିର୍ଭୟ ।
ପ୍ରିୟେ ! ଏହି ଋତୁ ଶିଶିର
କରିଥାଏ ନନ୍ଦବନେ ଜନେ ସୁନ୍ଦର । ୧୪ ।

( ପଞ୍ଚଦଶ )

ନଖପଦଚିତଭାଗାନ୍ ବୀକ୍ଷମାଣାଃସ୍ତନାଗ୍ରା—
ନଧରକିଶଳୟାଗ୍ରଂ ଦନ୍ତଭିନ୍ନଂ ସ୍ପୃଶନ୍ତ୍ୟଃ ।
ଅଭିମତରସମେତଂ ନନ୍ଦୟନ୍ତ୍ୟ ସ୍ତରୁଣ୍ୟଃ
ସବିତୁ ରୁଦୟକାଳେ ଭୂଷୟନ୍ତ୍ୟାନନାନି ॥

—ଅନୁବାଦ—

ହୁଅନ୍ତେ ରବି ଉଦୟ      ହେଲେ କେ ବାମା ଅଥୟ
ହେରି ନଖକ୍ଷତ ନିଜ କୁଚଯୁଗଳେ
ନିରେଖି ଅଧର ଅଗ୍ର      ଦନ୍ତକ୍ଷତ ହେଲା ବ୍ୟଗ୍ର
ମୁଖ-ଭୂଷଣେ ମାତିଲେ କ୍ଷଣେକ୍ଷେ ନିଷ୍ଟଳେ ।
ପ୍ରିୟେ ! ଏହି ଋତୁ ଶିଶିର
କରନ୍ତି ଏ ନିଜବଳେ ଜନେ ସ୍ୱବଶ । ୧୫ ।

( ଷୋଡ଼ଶ )

ପ୍ରଚୁରଗୁଡ଼ବିକାରଃ ସ୍ୱାଦୁଶାଳୀକ୍ଷୁରମ୍ୟଃ
ପ୍ରବଳସୁରତକେଳିଜାତକନ୍ଦର୍ପଦର୍ପଃ ।
ପ୍ରିୟଜନରହିତାନାଂ ଚିତ୍ତସନ୍ତାପହେତୁଃ
ଶିଶିର ସମୟ ଏଷ ଶ୍ରେୟସେ ବୋଽସ୍ତୁ ନିତ୍ୟମ୍

—ଅନୁବାଦ—

ଯେନ ଗୁଡ଼ର ବିକାର      ଯଜେ ଶିଶିର ସମ୍ଭାର
ଇକ୍ଷୁ ପକ୍ୱଶାଳିକ୍ଷେତ୍ରେ ସ୍ୱାଦୁ ସୁନ୍ଦର
ଜନ୍ମାଏ ଚିତ୍ତ ସନ୍ତାପ      ବିରହି ଜନେ ଅମାପ
ଦେଖାଏ କନ୍ଦର୍ପ ଦର୍ପ ମହା ହୃଦର ।
ପ୍ରିୟେ ! ଏହି ଋତୁ ଶିଶିର
କରୁ ତୁମ୍ଭର ମଙ୍ଗଳ ନୋହି ଅଧୀର । ୧୬ ।

# ଋତୁରାଜ ବସନ୍ତ

( ପ୍ରଥମ )

ପ୍ରଫୁଲ୍ଲଚୂତାଙ୍କୁରତୀକ୍ଷ୍ଣସାୟକୋ
ଦ୍ୱିରେଫମାଳା—ବଲସଦ୍ଧନୁର୍ଗୁଣଃ ।
ମନାଂସି ବେଦ୍ଧୁଂ ସୁରତପ୍ରସଙ୍ଗିନାଂ
ବସନ୍ତଯୋଧଃ ସମୁପାଗତଃ ପ୍ରିୟେ !

—ଅନୁବାଦ—

ପ୍ରଫୁଲ୍ଲ ଚୂତ ଅଙ୍କୁର    ଶାଣିତ ଶର ନଷ୍ଠୁର
ଦ୍ୱିରେଫ ମାଳିକା ଧନୁର୍ଗୁଣ ଯାହାର
ଅନୁରକ୍ତ ଜନ ମନେ    ସେ ବସନ୍ତ ବୀର ଘନେ
ଧରଅଛି ବିନ୍ଧିବାକୁ ଶର ତାହାର
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ-ମାଳ । ୧ ।

( ଦ୍ୱିତୀୟ )

ଦ୍ରୁମାଃସପୁଷ୍ପାଃ ସଲିଳଂ ସପଦ୍ମଂ
ସ୍ତ୍ରିୟଃ ସକାମାଃ ପବନଃ ସୁଗନ୍ଧିଃ ।
ସୁଖାଃ ପ୍ରଦୋଷାଃ ଦିବସାଶ୍ଚ ରମ୍ୟାଃ
ସର୍ବଂ ପ୍ରିୟେ ! ଚାରୁତରଂ ବସନ୍ତେ ।।

—ଅନୁବାଦ—

ସପୁଷ୍ପ ପାଦପ ଗଣ    ଜଳ ପଙ୍କଜ ଭୂଷଣ
ସକାମ ସକଳ ବାମା ଗନ୍ଧପବନ
ରମ୍ୟା ସନ୍ଧ୍ୟା ସୁଖପ୍ରଦା    ଦିବସମାନ ସର୍ବଦା
ଋତୁବର ବସନ୍ତରେ ସର୍ବେ ଉନ୍ମନ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨ ।

( ତୃତୀୟ )

ବାପୀଜଳାନାଂ ମଣିମେଖଳାନାମ୍
ଶଶାଙ୍କଭାସାଂ ପ୍ରମଦାଜନାନାମ୍ ।
ଚୂତଦ୍ରୁମାଣାଂ କୁସୁମାନ୍ୱିତାନାମ୍
ଦଦାତି ସୌଭାଗ୍ୟମୟଂ ବସନ୍ତଃ ॥

—ଅନୁବାଦ—

ମଣି ମେଖଳା ଶୋଭିତ ବାପୀଜଳ ହରେ ଚିତ୍ତ
ଶଶାଙ୍କ କର ଆବର ପ୍ରମଦା ଜନେ
ଫୁଲ୍ଲ-ରସାଳ ସୁମନ ହରନ୍ତି ଦର୍ଶକ ମନ
ସୌଭାଗ୍ୟ ଦିଏ ବସନ୍ତ ସର୍ବେ ସୁମନେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ-ମାଳ । ୩ ।

( ଚତୁର୍ଥ )

କୁସୁମ୍ଭରାଗାରୁଣିତୈର୍ଦୁକୂଲୈ
ର୍ନିତମ୍ବବିମ୍ବାନି ବିଳାସିନୀନାମ୍ ।
ରକ୍ତାଂଶୁକୈଃ କୁଙ୍କୁମରାଗଗୌରୈ
ରଳଂକ୍ରିୟନ୍ତେ ସ୍ତନମଣ୍ଡଳାନି ॥

—ଅନୁବାଦ—

ରମଣୀଗଣେ ନପୁଣେ କୁସୁମ୍ଭରାଗ ଅରୁଣେ
ଦୁକୂଳେ ମଣ୍ଡନ୍ତି ନିଜ ନିତମ୍ବ ଦେଶ
କୁଙ୍କୁମ ରାଗ ଧବଳ ରକ୍ତ ଅଂଶୁକେ କେବଳ
ମଣ୍ଡନ କରନ୍ତି ରମ୍ୟ କୁଚପ୍ରଦେଶ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୪ ।

( ପଞ୍ଚମ )

କର୍ଣ୍ଣେଷୁ ଯୋଗ୍ୟଂ ନବକର୍ଣ୍ଣିକାରଂ
ଚଳେଷୁ ନୀଳେଷ୍ୱଳକେଷ୍ୱଶୋକମ୍ ।
ପୁଷ୍ପଂ ଚ ଫୁଲ୍ଲଂ ନବମଲ୍ଲିକାୟାଃ
ପ୍ରୟାତିକାନ୍ତିଂ ପ୍ରମଦାଜନସ୍ୟ ॥

—ଅନୁବାଦ—

କର୍ଣ୍ଣେ ନବ କର୍ଣ୍ଣିକାର ପିନ୍ଧେ କେ ରମଣୀ ସାର
ଚଞ୍ଚଳ ନୀଳ ଅଳକେ ପୁଷ୍ପ ଅଶୋକ
ପ୍ରଫୁଲ୍ଲ ନବମଲ୍ଲିକା କୁନ୍ତଳେ କେଉଁ ଭୂଷିକା
ଆଣି ଖଞ୍ଜେଇ ଆବର ସମା ନଦକେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୫ ।

( ଷଷ୍ଠ )

ସ୍ତନେଷୁ ହାରାଃ ସିତଚନ୍ଦନାର୍ଦ୍ରା
ଭୁଜେଷୁ ସଙ୍ଗଂ ବଳୟାଙ୍ଗଦାନି ।
ପ୍ରୟାନ୍ତ୍ୟନଙ୍ଗାତୁରମାନସାନାମ୍
ନିତମ୍ବିନୀନାଂ ଜଘନେଷୁ କାଞ୍ଚ୍ୟଃ ॥

—ଅନୁବାଦ—

ସିତ-ଚନ୍ଦନ-ଶୀତଳ— ହାରେ ଉରଜ ଯୁଗଳ
ଭୁଜେ ଅଙ୍ଗଦ ବଳୟ ବେଶେ ସୁନ୍ଦର
ଜଘନେ କାମିନୀଙ୍କର କାଞ୍ଚି ଦାମ ମନୋହର
ଦେଖାଏ ଦର୍ଶକ ନେତ୍ରେ ସୁଷମାଝର ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୬ ।

( ସପ୍ତମ )

ସପତ୍ରଲେଖେଷୁ ବିଳାସିନୀନାମ୍
ବକ୍ତ୍ରେଷୁ ହେମାମ୍ବୁରୁହୋପମେଷୁ ।
ରତ୍ନାନ୍ତରେ ମୌକ୍ତିକସଙ୍ଗରମ୍ୟଃ
ସ୍ୱେଦୋଦଗ୍‌ମୋ ବିସ୍ତରତାମୁପୈତି ॥

—ଅନୁବାଦ—

ହେମ ତାମରସସମ ପତ୍ର ରଚନେ ସୁଷମ
ବିଳାସିନୀ ରମଣୀଙ୍କ ମୁଖ ମଣ୍ଡଳେ
ସ୍ୱଚ୍ଛ ସ୍ୱେଦବିନ୍ଦୁ ଝରେ ଆନ ରତନ ପଟଳେ
ବସ୍ତନେ ମୁକୁତା ଯଥା ତଥା ସୁଡ଼ଳେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୭ ।

( ଅଷ୍ଟମ )

ଉଚ୍ଛ୍ୱାସୟନ୍ତ୍ୟଃ ଶ୍ଳଥବନ୍ଧନାନି
ଗାତ୍ରାଣି କନ୍ଦର୍ପସମାକୁଳାନି ।
ସମୀପବର୍ତ୍ତିଷ୍ୱଧୁନା ପ୍ରିୟେଷୁ
ସମୁତ୍ସୁକା ଏବ ଭବନ୍ତି ନାର୍ଯ୍ୟଃ ॥

—ଅନୁବାଦ—

ପାଶେ ଥାଇଁ ଥାଇଁ ପ୍ରିୟ କନ୍ଦର୍ପେ ହୋଇ ଅଥୟ
ସମୁତ୍ସୁକା ବିଳାସିନୀ ଅବଳାଙ୍କର
ଶିଥିଳ ହୁଏ ସକଳ ବାସ-ବନ୍ଧନ-ନିକର
ଉଚ୍ଛ୍ୱସିତ ସଘନ ଅଙ୍ଗ ବକ୍ଷେ ତାଙ୍କର ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୮ ।

( ନବମ )

ତନୁକ ପାଣ୍ଡୁକ ସମନ୍ତୁରାଣି
ମୁହୁର୍ମୁହୁ ର୍ଜୃମ୍ଭଣକପୂରାଣି ।
ଅଙ୍ଗାନ୍ୟଅଙ୍ଗଃ ପ୍ରମଦାଜନସ୍ୟ
କରୋତ ଲାବଣ୍ୟସସମ୍ଭ୍ରମାଣି ॥

—ଅନୁବାଦ—

ଶରୀର ପାଣ୍ଡୁର-ତର ଆଳର ଅତି ମନ୍ଥର
ଜୃମ୍ଭା ହୁଏ ବାରମ୍ବାର କାମିନୀଙ୍କର
ଅଜ ଏ କାଳେ ଅନଙ୍ଗ ପ୍ରମଦା ଜନଙ୍କ ଅଙ୍ଗ
କରେ ସୁଷମା ଆଧାର ହୋଇ ତତ୍ପର ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୯ ।

( ଦଶମ )

ନେତ୍ରେଷୁ ଲୋଳେ ମଦବାଳଟେଷୁ
ଗଣ୍ଡେଷୁ ପାଣ୍ଡୁଃ କଠିନଃ ସ୍ତନେଷୁ ।
ମଧ୍ୟେଷୁ ନମ୍ରୋ ଜଘନେଷୁ ପୀନଃ
ସ୍ତ୍ରୀଣାମନଙ୍ଗୋ ବହୁଧା ସ୍ଥିତୋଽଦ୍ୟ ॥

—ଅନୁବାଦ—

ମଦବାଳସ-ନେତ୍ରରେ ଚାଞ୍ଚଲ୍ୟ ବିହାର କଲେ
ଗଣ୍ଡେ ପାଣ୍ଡୁତା, କାଠିନ୍ୟ ସ୍ତନଯୁଗଳେ
ମଧ୍ୟେ ନାଭି ସୁଗଭୀର ଜଘନ ପୃଥୁଳ ସ୍ଥିର
ଏକସେ ରମାଙ୍କେ କାମ ବହୁରୂପ ଧରେ । ୧୦ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୦ ।

( ଏକାଦଶ )

**ଅଙ୍ଗାନି ନିଦ୍ରାଳସ-ବିଭ୍ରମାଣି**
**ବାକ୍ୟାନି କିଂଚିନ୍ମଦଲାଳସାନି ।**
**ଭ୍ରୂକ୍ଷେପ ଜିହ୍ମାନି ଚ ବୀକ୍ଷିତାନି**
**ଚକାର କାମଃ ପ୍ରମଦାଜନାନାମ୍ ॥**

—ଅନୁବାଦ—

ନିଦ୍ରାଳସରେ ବିଭ୍ରମ ଅଙ୍ଗାବଳି ନିରୁପମ
କରେ ରମାଗଣଙ୍କର ଆଜି ମଦନ
ମଦାଳସ ବାକ୍ୟାବଳି ଉଚରେ ସେ ଯଉବନେ ବାଳୀ
କରେ ଭ୍ରୂଭଙ୍ଗ କୁଟିଳ, ଚପଳ ମନ,
ପ୍ରିୟେ ! ଋତୁ ବସନ୍ତ କାଳ
ସ୍ତ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୧ ।

( ଦ୍ୱାଦଶ )

**ପ୍ରିୟଙ୍ଗୁକାଳୀୟକକୁଙ୍କୁମାକ୍ତଂ**
**ସ୍ତନେଷୁ ଗୌରେଷୁ ବିଳାସିନୀଭିଃ ।**
**ଆଲିପ୍ୟତେ ଚନ୍ଦନ ମଙ୍ଗନାଭିଃ**
**ମଦାଳସାଭି ର୍ମୃଗନାଭିଯୁକ୍ତମ୍ ॥**

—ଅନୁବାଦ—

ବିଳାସିନୀ ବାମାଗଣ ମଦାଳସରେ ମଗନ
ହୋଇ, ମୃଗ ନାଭି ସହ ବାସ ଚନ୍ଦନେ
ମିଳାଇ ଶ୍ୟାମା କୁଙ୍କୁମ କାଳୀୟକ ମନୋରମ
ଲେପନ୍ତି ନିଜ ନିର୍ମଳ ସ୍ତନେ ସୁମନେ ।
ପ୍ରିୟେ ! ଋତୁ ବସନ୍ତ କାଳ
ସ୍ତ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୯ ।

---

କାଳୀୟକ—ସୁବାସିତ ଦାରୁଚୂର୍ଣ୍ଣ ଅଙ୍ଗରାଗ ।

( ତ୍ରୟୋଦଶ )

ଗୁରୂଣି ବାସାଂସି ବିହାୟ ତୂର୍ଣ୍ଣମ୍
ତନୂନି ଲାକ୍ଷାରସରଞ୍ଜିତାନି ।
ସୁଗନ୍ଧି କାଳାଗୁରୁଧୂପିତାନି
ଧତ୍ତେଽଙ୍ଗନା କାମମଦାଲସାଙ୍ଗୀ ॥

—ଅନୁବାଦ—

ମଦାଳସା କେ ସୁନ୍ଦରୀ    ଗୁରୁବାସ ପରିହରି
ଲକ୍ଷାରସରେ ରଞ୍ଜିତ ଲଘୁ ଶାଢ଼ୀରେ
କୃଷ୍ଣ ଅଗୁରୁ-ଧୂପିତ    ଝୀନବାସ ଆମୋଦିତ
ପରିଧାନ କରେ ଖରେ ଏବେ ସ୍ଫୂର୍ତ୍ତିରେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୩ ।

( ଚତୁର୍ଦ୍ଦଶ )

ପୁଂସ୍କୋକିଳଶ୍ଚୂତରସାସବେନ
ମତ୍ତଃ ପ୍ରିୟାଂ ଚୁମ୍ବତି ରାଗହୃଷ୍ଟଃ ।
କୂଜନ୍ ଦ୍ୱିରେଫୋଽପ୍ୟୟ ମମ୍ବୁଜସ୍ଥଃ
ପ୍ରିୟଂ ପ୍ରିୟାୟାଃ ପ୍ରକରୋତି ଚାଟୁ ॥

—ଅନୁବାଦ—

ଚୂତରସ ଆସବରେ    ମତ୍ତ ପିକ ହରଷରେ
ଚୁମ୍ବେ ପ୍ରିୟାବଦନକୁ ଅନୁରାଗରେ
ପଙ୍କଜେ ଥାଇଁ ଭ୍ରମର    କୂଜନ ଛଳେ ନିଜର
ପ୍ରେୟସୀରେ ଚାଟୁବାଣୀ କହେ ସାଦରେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ-ମାଳ । ୧୪ ।

( ପଞ୍ଚଦଶ )

ତାମ୍ରପ୍ରବାଳସ୍ତବକାବନମ୍ରା
ଶ୍ଚୂତଦ୍ରୁମାଃ ପୁଷ୍ପିତଚାରୁଶାଖାଃ ।
କୁର୍ବନ୍ତି କାମଂ ପବନାବଧୂତାଃ
ପର୍ଯ୍ୟୁତ୍ସୁକଂ ମାନସମଙ୍ଗନାନାମ୍ ॥

—ଅନୁବାଦ—

ତାମ୍ର-ପଲ୍ଲବ-ସ୍ତବକେ     ରସାଳ ନମେ ଝଟକେ
ପୁଷ୍ପିତ ଶାଖାରେ ବାତେ ଦୋହଲି ଧୀରେ
ଅନୁରକ୍ତା ଅଙ୍ଗନାର     ମାନସକୁ ବାରମ୍ବାର
କରେ ଉତ୍କଣ୍ଠିତ ଆପି ପ୍ରେମପୂର୍ତ୍ତିରେ ।
ପ୍ରିୟେ ! ଋତୁ ବସନ୍ତ କାଳ
ସ୍ତ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୫ ।

( ଷୋଡ଼ଶ )

ଆମୂଳତୋ ବିଦ୍ରୁମରାଗତାମ୍ରଂ
ସପଲ୍ଲବାଃ ପୁଷ୍ପଚୟଂ ଦଧାନାଃ ।
କୁର୍ବନ୍ତ୍ୟଶୋକା ହୃଦୟଂ ସଶୋକଂ
ନିରୀକ୍ଷମାଣା ନବଯୌବନାନାମ୍ ॥

—ଅନୁବାଦ—

ଆମୂଳଚୂଳ ଯାହାର     ନବପଲ୍ଲବେ ସୁନ୍ଦର
କୁସୁମେ ଭୂଷିତ ସେହି ଅଶୋକ ଗର୍ବେ
ଭରି ଛନ୍ଦରେ ଯୌବନେ     ଥାନ୍ତି ଯେ ଅବଳାଜନେ
କରେ ତାଙ୍କର ହୃଦୟ ସଶୋକ ଭବେ ।
ପ୍ରିୟେ ! ଋତୁ ବସନ୍ତ କାଳ
ସ୍ତ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୬ ।

( ସପ୍ତଦଶ )

ମତ୍ତଦ୍ୱିରେଫପରିଚୁମ୍ବିତଚାରୁପୁଷ୍ପାଃ
ମନ୍ଦାନିଲାକୁଲିତନମ୍ରମୃଦୁପ୍ରବାଳାଃ ।
କୁର୍ବନ୍ତି କାମିମନସାଂ ସହସୋତ୍ସୁକତ୍ୱଂ
ଚୂତାଭିରାମକଳିକାଃ ସମବେକ୍ଷମାଣାଃ ॥

—ଅନୁବାଦ—

ଚୁମ୍ବନ କରେ ଭ୍ରମର ଚାରୁପୁଷ୍ପେ ନିରନ୍ତର
କୋମଳ ପଲ୍ଲବ ଦୋଳେ ମନ୍ଦ ପବନେ
ସୁନ୍ଦର ରସାଳ କଳି ବଳୟେ ଏ ଶୋଭାବଳି
ଜନମେ ସଦା ଉଦ୍‌ବେଗ କାମୀଙ୍କ ମନେ
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୭ ।

( ଅଷ୍ଟାଦଶ )

କାନ୍ତାମୁଖଦ୍ୟୁତିଜୁଷା ମପିରୋଦ୍‌ଗତାନାଂ
ଶୋଭାଂ ପରାଂ କୁରୁବକଦ୍ରୁମମଞ୍ଜରୀଣାଂ ।
ଦୃଷ୍ଟ୍ୱା ପ୍ରିୟେ ! ସହୃଦୟସ୍ୟ ଭବେନ୍ନ କସ୍ୟ
କନ୍ଦର୍ପବାଣ ପତନବ୍ୟଥିତଂ ହି ଚେତଃ ॥

—ଅନୁବାଦ—

କୁରୁବକର ମଞ୍ଜରୀ କାନ୍ତାମୁଖଦ୍ୟୁତି ଧରି
ବିକଶେ ଏକାଳେ, ତାର ଶୋଭା ଦର୍ଶନେ
କେଉଁ ରସିକର ମନ ପ୍ରିୟେ ! ନ ହୁଏ ବିପନ୍ନ ।
ବ୍ୟଥିତ ନୋହେ ବା କାମ ବାଣ ପତନେ
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୮ ।

( ଜନବଂଶ )

ଆଦୀପ୍ତବହ୍ନି ସଦୃଶୈ ର୍ମରୁତାବଧୂତୈଃ
ସର୍ବଞ୍ଚ କିଂଶୁକବନୈଃ କୁସୁମାବନମ୍ରୈଃ ।
ସଦ୍ୟୋ ବସନ୍ତସମୟେ ହି ସମାଚିତେୟଂ
ରକ୍ତାଂଶୁକା ନବବଧୂରିବ ଭାତିଭୂମିଃ ॥

—ଅନୁବାଦ—

ପ୍ରଦୀପ୍ତ ହୁତାଶନୋପମ    କିଂଶୁକ ବନ ସୁଷମ
ନତ ହୋଇ ପୁଷ୍ପେ ଦୋଳେ ଧୀର ପବନେ
ରକ୍ତ ବସନେ ଯେସନେ    ନବ-ବଧୂ ଝଲକେ ତନେ
ଶୋଭେ ତେସନ ଧରଣୀ ଏହି ସୁମନେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୧୯ ।

( ବଂଶ )

କିଂ କିଂଶୁକୈଃ ଶୁକମୁଖଚ୍ଛବିଭିର୍ନଭିନ୍ନଂ
କିଂ କର୍ଣ୍ଣିକାର କୁସୁମୈର୍ନ କୃତଂ ନୁ ଦଗ୍ଧଂ ।
ଯତ୍ କୋକିଳଃ ପୁନରୟଂ ମଧୁରୈର୍ବଚୋଭି
ର୍ୟୂନାଂ ମନଃ ସୁବଦନାନିହିତଂ ନିହନ୍ତି ॥

—ଅନୁବାଦ—

ପ୍ରିୟା ବଦନେ ନିହିତ    ଯୁବା ମାନସେ ଉଦିତ
ବିଦାରେ କି ଶୁକମୁଖଛବି ପଳାଶ
ନିଜ ତେଜେ କର୍ଣ୍ଣିକାର    ପୋଡ଼େ କିବା ବାରମ୍ବାର
କୂଜନେ ବା ପିକ ତାକୁ କରେ ବିନାଶ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୦ ।

( ଏକବିଂଶ )

**ପୁଂସ୍କୋକିଳୈଃ କଳବଚୋଭିରୁପାତ୍ତହର୍ଷୈଃ**
**କୂଜଦ୍ଭିରୁନ୍ମଦକଳାନି ବଚାଂସି ଭୃଙ୍ଗୈଃ ।**
**ଲଜ୍ଜାନ୍ୱିତଂ ସବିନୟଂ ହୃଦୟଂ କ୍ଷଣେନ**
**ପର୍ଯ୍ୟାକୁଳଂ କୁଳଗୃହେଽପି କୃତଂ ବଧୂନାଂ ॥**

—ଅନୁବାଦ—

ହର୍ଷେ କୋକିଳ କୂଜନ ଭ୍ରମର ମଦ ଗୁଞ୍ଜନ
ଲଜ୍ଜାକୁଳ ସବିନୟ ହୃଦୟେ ଖରେ
ଗୃହେ କୁଳ ବଧୂଙ୍କର ବ୍ୟାକୁଳତା ନିରନ୍ତର
ଅଣେ ଏ କାଳେ ବସନ୍ତେ ମନ୍ଦା ବେଗରେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୧ ।

( ଦ୍ୱାବିଂଶ )

**ଆକମ୍ପୟନ୍ କୁସୁମିତାଃ ସହକାରଶାଖାଃ**
**ବିସ୍ତାରୟନ୍ ପରଭୃତସ୍ୟ ବଚାଂସି ଦିକ୍ଷୁ ।**
**ବାୟୁର୍ବିବାତି ହୃଦୟାନି ହରନ୍ନରାଣାଂ**
**ନୀହାରପାତବିଗମାତ୍ ସୁଭଗୋ ବସନ୍ତେ ॥**

—ଅନୁବାଦ—

ଦୂର ହୁଅନ୍ତେ ତୁଷାର ମଳୟ ନିଳ ବାହାର
ଦୋଇ କମ୍ପାଏ କୁସୁମ ରସାଳ ଡାଳେ
ଚଉଦିଗେ ପିକବାଣୀ କର୍ଣ୍ଣେ ଢାଳେ ସୁଧା ଆଣି
ଧୀରେ ବହି ବାୟୁ ରମ୍ୟ ସୁରଭି-କାଳେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୨ ।

( ତ୍ରୟୋବିଂଶ )

**କୁନ୍ଦୈଃ ସବିଭ୍ରମବଧୂହସିତାବଦାତୈ—**
**ରୁଦ୍ୟୋତିତାନ୍ୟୁପବନାନି ମନୋହରାଣି ।।**
**ଚିତ୍ତଂ ମୁନେରପି ହରନ୍ତି ନିବୃତ୍ତରାଗଂ**
**ପ୍ରାଗେବ ରାଗମଳିନାନି ମନାଂସି ଯୂନାମ୍ ।।**

—ଅନୁବାଦ—

ସବିଭ୍ରମ-ବଧୂହାସ-　　ସମାନ କୁନ୍ଦ-ବିକାଶ
ଉପବନେ କରେ ଆଜି ଯେତେ ସୁନ୍ଦର
ମ୍ଳାନ କରି ସେ ପ୍ରଥମେ　　ଯୁବା ମନକୁ ସଂଭ୍ରମେ
ନିରାସକ୍ତ ମୁନିଚିତ୍ତ ହରଇ ଆବର ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୩ ।

( ଚତୁର୍ବିଂଶ )

**ଆଲମ୍ବିହେମରଶନାଃ ସ୍ତନସକ୍ତହାରାଃ ।**
**କନ୍ଦର୍ପଦର୍ପଶିଥିଳୀକୃତ-ଗାତ୍ରଯଷ୍ଟ୍ୟଃ**
**ମାସେ ମଧୌ ମଧୁର-କୋକିଳ ଭୃଙ୍ଗନାଦୈ**
**ର୍ନାର୍ଯ୍ୟୋ ହରନ୍ତି ହୃଦୟଂ ପ୍ରସଭଂ ନରାଣାମ୍ ।।**

—ଅନୁବାଦ—

ଦୋଳେ କାଞ୍ଚି କଟି ଦେଶେ　ଉରଜେ ହାର ବିଶେଷ
କନ୍ଦର୍ପ ଦର୍ପେ କାତର ବାଳାଶରୀର
ପିକ ଭ୍ରମର ନାଦରେ　　ମୋହେ ବାମାହୃଦ ଖରେ
ମଧୁମାସେ କାମିମନ କରେ ଅସ୍ଥିର
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୪ ।

( ପଞ୍ଚବିଂଶ )

**ନାନାମନୋଜ୍ଞକୁସୁମଦ୍ରୁମଭୂଷିତାନ୍ତାନ୍**
**ହୃଷ୍ଟାନ୍ୟପୁଷ୍ଟ-ନିନଦାକୁଳସାନୁଦେଶାନ୍ ।**
**ଶୈଳେୟଜାଲ-ପରିଣଦ୍ଧଶିଳାତଳୌଘାନ୍**
**ଦୃଷ୍ଟ୍ୱା ଜନଃ କ୍ଷିତିଭୃତୋ ମୁଦମେତି ସର୍ବଃ ॥**

—ଅନୁବାଦ—

ନନାମଞ୍ଜୁଳ ସୁମନେ ଭୂଷିତ ପାଦପ ଗଣେ
ସଙ୍ଗେ ପିକରବେ କାନ୍ତି ସାନୁପ୍ରଦେଶ
ଶୀଳା ଜତୁରେ ମୋଦିତ ଶିଳାତଳ ପରମିତ
ଦର୍ଶକ ମନେ ଆନନ୍ଦ ଆଣେ ବିଶେଷ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ-ମାଳ । ୨୫ ।

( ଷଡ଼ବିଂଶ )

**ନେତ୍ରେ ନିମୀଳୟତି ରୋଦିତି ଯାତି ଶୋକଂ**
**ଘ୍ରାଣଂ କରେଣ ବିରୁଣଦ୍ଧି ବିରୌତି ଚୋଚ୍ଚୈଃ**
**କାନ୍ତା ବିୟୋଗ-ପରିଖେଦିତ-ଚିତ୍ତବୃତ୍ତିଃ**
**ଦୃଷ୍ଟ୍ୱାଧ୍ୱଗଃ କୁସୁମିତାନ୍ ସହକାରବୃକ୍ଷାନ୍**

—ଅନୁବାଦ—

ପ୍ରିୟା-ବିଚ୍ଛେଦ- ବିଧୁର- ପାନ୍ଥର ଧୈର୍ଯ୍ୟକୁ ଦୂର
କରେ ପୁଷ୍ପିତ ରସାଳ ମଧୁମାସରେ
ବନ୍ଦି ନେତ୍ର ମୁଦେ ଦୁଃଖେ ରୋଧେ ନାସିକା ସମ୍ମୁଖେ
କେବେ ଉଚ୍ଚସ୍ୱରେ କାନ୍ଦେ ସେହୁ ଭାବରେ ।
ପ୍ରିୟେ ! ଋତୁ ବସନ୍ତ କାଳ
ଶ୍ରୀଅଙ୍ଗେ ଭୂଷିତ ଯାର ପ୍ରସୂନ ମାଳ । ୨୬ ।

( ସପ୍ତବିଂଶ )

ସମଦ-ମଧୁକରାଣାଂ କୋକିଳାନାଂଚ ନାଦୈଃ
କୁସୁମିତ ସହକାରୈଃ କର୍ଣ୍ଣିକାରୈଶ୍ଚ ରମ୍ୟଃ
ଇଷୁଭିରିବ ସୁତୀକ୍ଷ୍ଣୈର୍ମାନସଂ ମାନିନୀନାଂ
ତୁଦତି କୁସୁମମାସୋ ମନ୍ମଥୋଦ୍ଦୀପନାୟ ॥

—ଅନୁବାଦ—

କାମ ଉତ୍ତେଜନ ପାଇଁ ବସନ୍ତ ପୀଡ଼େ ବା କାହିଁ
ସୁତୀକ୍ଷ୍ଣ ଶରସଦୃଶ ଚୂତ ସୁମନେ
କର୍ଣ୍ଣିକାର କୁସୁମରେ ମତ୍ତ କୋକିଳ ନାଦରେ
ଦୁଃଖଦିଏ ମାନିନୀଙ୍କ ମାନସେ ଘନେ
ପ୍ରିୟେ ! ଋତୁ ବସନ୍ତ କାଳ
ସ୍ୱାଅଙ୍ଗେ ଭୂଷିତ ଯାର କୁସୁମ ମାଳ । ୨୭ ।

( ଅଷ୍ଟବିଂଶ )

ଆମ୍ରୀ ମଞ୍ଜୁଳମଞ୍ଜରୀ ବରଶରଃ ସତ୍କିଂଶୁକଂ ଯଦ୍ଧନୁ
ଜ୍ୟା ଯସ୍ୟାଳିକୁଳଂ କଳଙ୍କରହିତ ଛତ୍ରଂ ସିତାଂଶୁଃ ସିତମ୍
ମତ୍ତେଭୋ ମଳୟାନିଳଃ ପରଭୃତା ଯଦ୍‌ବନ୍ଦିନୋ ଲୋକଜିତ୍
ସୋଽୟଂ ବୋ ବିତରୀତରୀତୁ ବିତନୁ ଭଦ୍ରଂ ବସନ୍ତାନ୍ୱିତଃ

—ଅନୁବାଦ—

ରସାଳ ମଞ୍ଜୁ ମୁକୁଳ ଯାହାର ଶର ଅତୁଳ
ପଳାଶ କୁସୁମ ଯାର ଧନୁ ସୁନ୍ଦର
ଅଳିକୁଳଧନୁର୍ଗୁଣ ଚନ୍ଦ୍ର ଶ୍ୱେତଛତ୍ର ପୁଣ
ମଳୟ ଅନିଳ ମତ୍ତଗଜ ଆକର
ଭାଟ ଯାର ପିକ ସ୍ତୁତିକର
ବସନ୍ତ ସଙ୍ଗ ରାଜେ ସେ କନ୍ଦର୍ପ ବୀର । ୨୮ ।

ନରସିଂହ ମୁଦ୍ରଣ ମନ୍ଦିର, ଚୌଧୁରୀ ବଜାର, କଟକ-୧